بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 45

ବାର୍ଷିକ ଦେୟ : 600/-

14 ଜୁମାଦିଉଲ୍ ଅୱ୍ୱଲ୍, 1447 ହି.କ, 06 ନବୁୱତ୍ 1404 ହି.ଶ, 06 November 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

مِنۡ قَبۡلُ ھُدًی لِّلنَّاسِ وَاَنۡزَلَ الۡفُرۡقَانَ ۬ؕ اِنَّ الَّذِیۡنَ کَفَرُوۡا بِاٰیٰتِ اللّٰہِ لَھُمۡ عَذَابٌ شَدِیۡدٌ ؕ وَاللّٰہُ عَزِیۡزٌ ذُو انۡتِقَامٍ ○

(ଆଲେ ଇମ୍ରାନ୍: 05)

**ଅନୁବାଦ:** ସେ ଅବିସମ୍ବାଦିତ ନିଦର୍ଶନମାନ ଅବତୀର୍ଣ୍ଣ କରିଅଛନ୍ତି । ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ନିଦର୍ଶନଗୁଡ଼ିକୁ ଅସ୍ୱୀକାର କରିଛନ୍ତି ସେମାନଙ୍କ ଲାଗି ନିଶ୍ଚୟ କଠିନ ଶାସ୍ତି ନିୟତ ରହିଛି ଏବଂ ଅଲ୍ଲାଃତାଲା ପରାକ୍ରମୀ ଓ ଶାସ୍ତିଦାତା ଅଟନ୍ତି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ୱଜୁର ଉପକାରିତା ଏବଂ କଲ୍ୟାଣ ।

(2227) ହ. ଅବୁ ଜର୍ ଗଫ୍ଫାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଯେତେବେଳେ ଜଣେ ମୁସଲମାନ ବ୍ୟକ୍ତି ଏବଂ ଜଣେ ବିଶ୍ୱାସକାରୀ ବ୍ୟକ୍ତି ୱଜୁ କରିଥାଏ ଓ ନିଜର ମୁଖମଣ୍ଡଳ (ମୁହଁ) ଧୋଇଥାଏ ସେତେବେଳେ ଜଳର ଶେଷ ବୁନ୍ଦା ସହିତ ତା'ର ସମସ୍ତ ପାପ ଧୋଇ ହୋଇଯାଇଥାଏ । ଅର୍ଥାତ୍ ବ୍ୟକ୍ତି ଯେଉଁ ପାପ ନିଜର ଚକ୍ଷୁ (ଆଖି) ଦ୍ୱାରା କରିଥିଲା ତା'ର ସେହି ପାପ ଧୋଇ ହୋଇଯାଇଥାଏ । ସେହିପରି ଯେଉଁ କର୍ମ ବ୍ୟକ୍ତି ନିଜ ହସ୍ତ (ହାତ) ଦ୍ୱାରା ସମ୍ପାଦନ କରିଥାଏ ସେହି ଉଭୟ ହାତକୁ ଧୋଇବା ଫଳରେ ହାତରୁ ଯେଉଁ ଜଳର ଶେଷ ବୁନ୍ଦା ବାହାରି ଯାଇଥାଏ ସେହି ହାତ ଧୋଇବା ଫଳରେ ତା'ର ସମସ୍ତ ପାପ ଧୋଇ ହୋଇଯାଇଥାଏ । ଏପର୍ଯ୍ୟନ୍ତକି ବ୍ୟକ୍ତି ପାପରୁ ପବିତ୍ର ହୋଇଯାଇଥାଏ । ପୁନଶ୍ଚ ବ୍ୟକ୍ତି ଯେତେବେଳେ ନିଜର ପାଦ ଧୋଇଥାଏ ସେତେବେଳେ ସେହି ପାଦ ଧୋଇବା ଫଳରେ ବ୍ୟକ୍ତିର ସମସ୍ତ ପାପ ଧୋଇ ହୋଇଯାଏ। ଅର୍ଥାତ୍ ବ୍ୟକ୍ତି ନିଜର ପାଦ ଦ୍ୱାରା ଯେଉଁ ଅପକର୍ମ ବା ପାପ କରିଥିଲା ତାହା ପାଦ ଧୋଇବା ଦ୍ୱାରା ଧୋଇ ହୋଇଗଲା । ଏପର୍ଯ୍ୟନ୍ତକି ବ୍ୟକ୍ତି ସମସ୍ତ ପ୍ରକାରର ପାପରୁ ସଂପୂର୍ଣ୍ଣ ରୂପେ ପବିତ୍ର ହୋଇ ବାହାରିଥାଏ । **(ମୁସ୍‌ଲିମ୍, ବାବ୍-ଖୁରୁଜୁଲ୍ ଖତାୟା ମାଆ ମାଆଲ୍ ୱଜୁଇ) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ହଦିସ୍ ନଂ-199, ଲେଖକ-ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଯେଉଁ ବ୍ୟକ୍ତି ଜାଣିଶୁଣି ବିଳମ୍ବ (ମଠାମୀ ବା ହେଳା) କରିଥାଏ, ନମାଜରେ ସାମିଲ୍ ହେବା ସମୟରେ ବିଳମ୍ବତା (ଦେରି) ପ୍ରଦର୍ଶନ କରିଥାଏ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ନମାଜ୍ ଖରାପ (ଅର୍ଥାତ୍ ଅଶୁଦ୍ଧ, ବିକୃତ) ହୋଇଯାଇଥାଏ ।**

**ଇମାମ୍‌ଙ୍କ ପଛରେ ସୁରତୁଲ୍ ଫାତିହା ପାଠ କରିବା :** ଇମାମ୍‌ଙ୍କ ପଛରେ ସୁରାଃ ଫାତିହା ପାଠ କରିବାର ଚର୍ଚ୍ଚା ହେଲା, ଏଥି ସଂକ୍ରାନ୍ତରେ ହୁଜୁର ଅ.ସ କହିଲେ, "ଯେଉଁ ବ୍ୟକ୍ତି ନମାଜ୍ ଚାଲିଥିବା ଅବସ୍ଥାରେ ଜମାଅତରେ (ସମୂହରେ ଆସି) ଆସି ସାମିଲ୍ ହେଲା ତେବେ ସେହି ବ୍ୟକ୍ତିର ନମାଜ ହେବ ଅବା ନୁହେଁ? ଅତଏବ୍ ହ. ମସିହ୍ ମଉଦ୍ ଅ.ସ ଏଥି ସଂକ୍ରାନ୍ତରେ ଅନ୍ୟ ମୌଲବୀମାନଙ୍କର ମତାମତ ଲୋଡ଼ିଲେ । ବିଭିନ୍ନ ଇସଲାମୀୟ ସଂପ୍ରଦାୟମାନଙ୍କର ମତାବଲମ୍ବୀମାନେ ଏଥି ସଂକ୍ରାନ୍ତରେ ନିଜର ମତାମତ ବର୍ଣ୍ଣନା କଲେ । ପରିଶେଷରେ ହ. ମସିହ୍ ମଉଦ୍ ଅ.ସ ଏହି ନିର୍ଣ୍ଣୟ ପ୍ରଦାନ କରି କହିଲେ, لَا صَلٰوۃَ اِلَّا بِفَاتِحَۃِ الْکِتَابِ ଅର୍ଥାତ୍ ଯେଉଁ ସୁରାଃ ଫାତିହା ପାଠ କରେ ନାହିଁ ତେବେ ସେହି ବ୍ୟକ୍ତିର ନମାଜ ହେବା ନାହିଁ । ବ୍ୟକ୍ତି ଇମାମ୍ ପଛରେ ଥାଉ ଅବା ଏକୁଟିଆ ଥାଉ ପ୍ରତ୍ୟେକ ଅବସ୍ଥାରେ ତା' ପକ୍ଷେ ଏହା ଉଚିତ୍ କି ସେ ସୁରାଃ ଫାତିହା ପାଠ କରୁ । କିନ୍ତୁ ଇମାମ୍ ପକ୍ଷେ ଏହା ଅନୁଚିତ୍ କି ସେ ସୁରାଃ ଫାତିହା ଶୀଘ୍ର ଶୀଘ୍ର ପାଠ ନକରୁ ବରଂ ରହି ରହି ପାଠ କରୁ । କାରଣ ମୁକ୍ତଦି ଅର୍ଥାତ୍ ଇମାମ୍‌ଙ୍କ ପଛରେ ଯେଉଁ ନମାଜ ପାଠକାରୀମାନେ ରହିଛନ୍ତି ସେମାନେ ମଧ୍ୟ ସୁରାଃ ଫାତିହା ଶୁଣି ନିଅନ୍ତୁ ଓ ନିଜେ ସୁରାଃ ପାତିହା ମଧ୍ୟ ପାଠ କରି ନିଅନ୍ତୁ କିମ୍ବା ପ୍ରତ୍ୟେକ ଆୟତ୍ ପରେ ଇମାମ୍ ଟିକେ ଅଟକି ଯାଉ କି ମୁକ୍ତଦିମାନେ ମଧ୍ୟ ସୁରାଃ ଫାତିହାର ସେହି ଆୟତ୍‌କୁ ପୁନରାବୃତ୍ତି କରି ପାଠ କରି ନିଅନ୍ତୁ । ସେ ଯାହା ହେଉ ମୁକ୍ତଦିମାନଙ୍କୁ ଏହି ସୁଯୋଗ ପ୍ରଦାନ କରିବା ଉଚିତ୍ ଯେ, ସେମାନେ ଇମାମ୍‌ଙ୍କ ସୁରାଃ ଫାତିହାକୁ ଶୁଣି ନିଅନ୍ତୁ ଓ ନିଜେ ମଧ୍ୟ ସୁରାଃ ଫାତିହା ପାଠ କରି ନିଅନ୍ତୁ । ସୁରାଃ ଫାତିହା ପାଠ କରିବା ଅତ୍ୟନ୍ତ ଜରୁରୀ ଅଟେ । କାରଣ ସୁରାଃ ଫାତିହା ଉମ୍ମୁଲ୍ କିତାବ୍ (ସମସ୍ତ କୁରଆନ୍‌ର ଜନନୀ ଅର୍ଥାତ୍ ମୁଖବନ୍ଧ) ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନମାଜରେ ସାମିଲ୍ ହେବା ନିମନ୍ତେ ନିଜର ସକଳ ଉଦ୍ୟମକୁ ବିନିଯୋଗ କରିଥାଏ ଏବଂ ନମାଜର ଶେଷ ରୁକୁରେ ଆସି ସାମିଲ୍ ହୋଇଥାଏ, ଯଦି ଏହା ପୂର୍ବରୁ କୌଣସି କାରଣ ବଶତଃ ସେ ନମାଜ୍‌ରେ ଆସି ସାମିଲ୍ ହୋଇପାରିଲା ନାହିଁ ଏବଂ ସେ (ବ୍ୟକ୍ତି) ସୁରାଃ ଫାତିହା ସେହି ରକାତ୍‌ରେ ପାଠ କରିଲା ନାହିଁ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ସେହି ରକାତ୍ ହୋଇଗଲା । କାରଣ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଯେଉଁ ବ୍ୟକ୍ତି ରୁକୁ ପ୍ରାପ୍ତ କରିନେଲା ତେବେ ସେହି ବ୍ୟକ୍ତିର ନମାଜ ହୋଇଗଲା । ସମସ୍ୟା 2 ପ୍ରକାରର ହୋଇଥାଏ। ଏକ ସ୍ଥାନରେ ତ' ରସୁଲ୍ କରୀମ୍ ସ.ଅ କହିଲ ଏବଂ ତାଗିଦ୍ ମଧ୍ୟ କଲେ ଯେ, ନମାଜରେ ସୁରାଃ ଫାତିହା ଅବଶ୍ୟ ପାଠ କରିବା ଉଚିତ୍ । କାରଣ ସୁରାଃ ଫାତିହା ଉମ୍ମୁଲ୍ କିତାବ୍ ଅଟେ । ଏହା ପବିତ୍ର କୁରଆନ୍ କରୀମ୍‌ର ସାର ଅଟେ ଏବଂ ପ୍ରକୃତ ନମାଜ ହିଁ ସୁରାଃ ଫାତିହା ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନିଜ ତରଫରୁ ସମସ୍ତ ଉଦ୍ୟମ ତଥା ଚେଷ୍ଟା ସତ୍ତ୍ୱେ ନମାଜ ପାଠ କରିବା ନିମନ୍ତେ ଶୀଘ୍ରତା ପ୍ରଦର୍ଶନ କରିବା ସତ୍ତ୍ୱେ ମଧ୍ୟ ନମାଜର ରୁକୁରେ ଆସି ସାମିଲ୍ ହୁଏ ତେବେ ଯେହେତୁ ଧର୍ମର ମୂଳଦୁଆ ସହଜତା ଏବଂ ନମ୍ରତା ଅଟେ, ତେଣୁ ହ. ରସୁଲ୍ କରୀମ୍ ସ.ଅ କହିଲେ, ସେହି ବ୍ୟକ୍ତିର ନମାଜ ହୋଇଗଲା । ସେହି ବ୍ୟକ୍ତି ସୁରାଃ ଫାତିହାର ପ୍ରତ୍ୟାଖ୍ୟାନକାରୀ ନୁହେଁ ବରଂ ବିଳମ୍ବରେ ଆସିଥିବା ହେତୁ ବିଧି ସମ୍ମତ ବାହାନା ବା ରିହାତି ଉପରେ କାର୍ଯ୍ୟାନୁସରଣ କରିଥାଏ ।" ଆପଣ ଅ.ସ କୁହନ୍ତି, "ମୋର ହୃଦୟକୁ ଈଶ୍ୱର ଏପରି ଗଢିଛନ୍ତି ଯେ, ଅନୈତିକ କାର୍ଯ୍ୟ(କ୍ରିୟା କଳାପରେ)ରେ ମୋତେ କୋଷ୍ଠ କାଠିନ୍ୟ ହୋଇଯାଇଥାଏ ଏବଂ ମୋର ମନ ଏହା ଚାହିଁ ନଥାଏ ଯେ, ମୁଁ ସେହି କାର୍ଯ୍ୟକୁ (ଆଉ) କରିବି । ଉକ୍ତ କଥାଟି ସ୍ପଷ୍ଟ ଯେ, ଯେତେବେଳେ ବ୍ୟକ୍ତି ନମାଜରେ ତୃତୀୟ ଭାଗକୁ ପ୍ରାପ୍ତ କରିନେଲା ଏବଂ ଗୋଟିଏ ଭାଗରେ କୌଣସି ବାଧବାଧକତା ତଥା କାରଣ ଯୋଗୁଁ ବିଳମ୍ବରେ ସାମିଲ୍ ହୋଇ ପାରିଛି ତେବେ ସେପରିପ୍ରେକ୍ଷୀରେ କୌଣସି ଅସୁବିଧା ନାହିଁ । ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ରିହାତି (କୋହଳ ନୀତି) ଉପରେ କାର୍ଯ୍ୟାନୁସରଣ କରୁ । ହେଲେ ଯେଉଁ ବ୍ୟକ୍ତି ଜାଣିଶୁଣି ବିଳମ୍ବ (ହେଳା) କରେ, ଜମାଅତ୍‌ରେ ସାମିଲ୍ ହେବା ସମୟରେ ବିଳମ୍ବତା (ଦେରି କରେ) ପ୍ରଦର୍ଶନ କରିଥାଏ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ନମାଜ୍ ଖରାପ (ଅର୍ଥାତ୍ ଅଶୁଦ୍ଧ, ବିକୃତ)ହୋଇ ଯାଇଥାଏ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-95-96, ସଂସ୍କରଣ ବର୍ଷ-2018 ମସିହା, ସ୍ଥାନ-କାଦିୟାନ୍)** ☆--☆--☆

**ହ. ଇସା ଅ.ସ ଦୀର୍ଘ 120 ବର୍ଷ ଧରି ଲୋକମାନଙ୍କ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ସନ୍ଦେଶ ପହଞ୍ଚାଉଥିଲେ ଏବଂ କାଶ୍ମୀରେ ଠାରେ ଆପଣ ଅ.ସ ମୃତ୍ୟୁ ବରଣ କରିଥିଲେ, ଶ୍ରୀନଗର ଜିଲ୍ଲା ଅନ୍ତର୍ଗତ ମହଲ୍ଲା ଖାନିୟାର୍ ଠାରେ ଆପଣ ଅ.ସଙ୍କୁ କବର ଦିଆଯାଇଥିଲା, ଯେଉଁଠି ଆଜି ପର୍ଯ୍ୟନ୍ତ ତାଙ୍କର କବର ଦେଖିବାକୁ ମିଳେ ।**

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା **(ଅବଶିଷ୍ଟାଂଶ............................ପୃ-2ରେ)**

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ସଂଖ୍ୟା 51 وَجَعَلْنَا ابْنَ مَرْيَمَ وَأُمَّهُ آيَةً وَآوَيْنَاهُمَا إِلَىٰ رَبْوَةٍ ذَاتِ قَرَارٍ وَمَعِينٍର ବ୍ୟାଖ୍ୟା କରି କୁହନ୍ତି ଯେ, ଅଲ୍ଲାଃତାଲା ନିଜ କୃପାରୁ ହ. ମସିହ୍ (ଇସା) ଅ.ସଙ୍କୁ କ୍ରୁଶଜନିତ ମୃତ୍ୟୁରୁ ଉଦ୍ଧାର କରି ନେଇଥିଲେ । ସେଇଥି ପାଇଁ ଏହା ଜରୁରୀ ଥିଲା କି ବର୍ତ୍ତମାନ୍ ସେ ଅନ୍ୟ କୌଣସି ଦେଶକୁ ପ୍ରବାସ କରି ଯାଆନ୍ତୁ । କାରଣ ସିରୀୟା ଦେଶ ରୋମ ଦେଶ ଅଧୀନ ଥିଲା ଏବଂ କୈସର୍ (ରୋମ ଦେଶର ଶାସକମାନଙ୍କୁ କୈସର୍ କୁହାଯାଉଥିଲା)ର ବିଦ୍ରୋହୀ ରୂପେ ବିବେଚିତ ହୋଇ ସାରିଥିଲେ । ଯଦି ହ. ଇସା ଅ.ସ ସେହି ଦେଶରେ ଥାଆନ୍ତେ ତେବେ ତାଙ୍କୁ ଗିରଫ୍ କରିନିଆ ଯାଇଥାଆନ୍ତା। ସେଇଥି ପାଇଁ ଅଲ୍ଲାଃତାଲା ସେମାନଙ୍କୁ ପ୍ରବାସ କରିବା ନିମନ୍ତେ ଆଦେଶ ଦେଇଦେଲେ । ପୁନଶ୍ଚ ଅଲ୍ଲାଃତାଲା ନିଜର କୃପା ତଥା ଉପକାର ଦ୍ୱାରା ହ. ଇସା ଅ.ସଙ୍କୁ ଏପରି ଏକ ଉଚ୍ଚ ସ୍ଥାନରେ ଆଶ୍ରୟ ପ୍ରଦାନ କଲେ ଯେଉଁ ସ୍ଥାନ ଶତ୍ରୁମାନଙ୍କ ପହଞ୍ଚରୁ ସୁରକ୍ଷିତ ଥିଲା ଏବଂ ଯେଉଁଠି ସ୍ୱଚ୍ଛ ଜଳର ଝରଣାଗୁଡ଼ିକ ପ୍ରବାହିତ ହେଉଥିଲା । ଯେପରିକି ଇତିହାସ ଉକ୍ତ କଥାର ସାକ୍ଷ୍ୟ ଏବଂ ଇତିହାସର ପ୍ରମାଣରୁ ଏହା ସିଦ୍ଧ ଯେ, କାଶ୍ମୀର ହେଉଛି ସେହି ଅଞ୍ଚଳ ଯେଉଁଠି ଉଚ୍ଚ କୋଟିର ଝରଣା ଏବଂ ଶସ୍ୟ ଶ୍ୟାମଳା ତଥା ସବୁଜିମା ସ୍ଥାନ ଓ ଅତ୍ୟନ୍ତ ଉତ୍କୃଷ୍ଟ ଧରଣର ବାତାବରଣ ଯୋଗୁଁ ଲୋକମାନେ ଏହି ରାଜ୍ୟକୁ ସ୍ୱର୍ଗ ତୁଲ୍ୟ ବୋଲି ବିବେଚିତ କରିଥାଆନ୍ତି। କେବଳ ସେତିକି ନୁହେଁ ବରଂ ସ୍ୱୟଂ କାଶ୍ମୀରର ଶବ୍ଦ ହ. ମସିହ୍ ଅ.ସଙ୍କ କାଶ୍ମୀର ଅଭିମୁଖେ ଯାତ୍ରା ଆଡ଼କୁ ସ୍ପଷ୍ଟ ରୂପେ ଇଙ୍ଗିତ କରେ । କାରଣ କାଶ୍ମୀରୀ ଭାଷାରେ କାଶ୍ମୀରକୁ "କଶୀର୍" କୁହାଯାଏ । ଉକ୍ତ ଶବ୍ଦଟି ବାସ୍ତବରେ ଏକ ଇବ୍ରାନୀୟ ଶବ୍ଦରୁ ଉଦ୍ଧୃତ । ଉକ୍ତ ଶବ୍ଦଟି ଅର୍ଥାତ୍ "କାଶ୍ମୀର" ଶବ୍ଦଟି ଦୁଇଟି ଶବ୍ଦ ଯଥା- "କାଫ୍" ଏବଂ "ଅଶୀର" ଶବ୍ଦକୁ ନେଇ ଗଠିତ୍। ତେଣୁ "କାଫ୍" ଶବ୍ଦର ଅର୍ଥ ହେଲା "ପରି" ଏବଂ "ଅଶୀର" ଶବ୍ଦକୁ ଇବ୍ରାନୀ ଭାଷାରେ "ସିରୀୟା" ଦେଶକୁ କୁହାଯାଇଥାଏ। ଅତଏବ୍ "କଶୀର୍" ଶବ୍ଦର ଅର୍ଥ ହେଲା "ସିରୀୟା ଦେଶ ପରି"। କିନ୍ତୁ ବହୁଳ ବ୍ୟବହାର ହେତୁ "କାଶୀର୍" ଶବ୍ଦରେ ଅଲିଫ୍ ଅକ୍ଷର (ଅର୍ଥାତ୍ ଆ କାର) ଉହ୍ୟ ହୋଇଗଲା ଏବଂ କେବଳ "କଶୀର" ରହିଗଲା, ଯାହାକୁ ପରବର୍ତ୍ତୀ ସମୟରେ ଅନ୍ୟ ଧର୍ମାବଲମ୍ବୀୟମାନେ ଧୀରେ ଧୀରେ "କଶ୍ମୀର" (ଯାହାକୁ ଓଡ଼ିଆ ଭାଷାରେ କାଶ୍ମୀର) ଶବ୍ଦରେ ପରିଣତ କରିଦେଲେ । କିନ୍ତୁ ଏହା ବିଚିତ୍ର କଥା ଯେ, କାଶ୍ମୀରୀ ଭାଷାରେ ଏପର୍ଯ୍ୟନ୍ତ କାଶ୍ମୀରକୁ "କଶୀର" ହିଁ କୁହାଯାଏ। ତେଣୁ ଏହିପରି ହିଁ ଲେଖାଯାଇଥାଏ ଏବଂ କାଶ୍ମୀରର ଅଧିବାସୀମାନଙ୍କୁ "କାଶ୍ମୀରୀ" ଲୋକମାନେ "କଶୀର" ବୋଲି କହିଥାଆନ୍ତି । ସେହିପରି ପଞ୍ଜାବୀ ଲୋକମାନେ କାଶ୍ମୀରର ଲୋକମାନଙ୍କୁ କାଶ୍ମୀରୀ ବୋଲି କୁହନ୍ତି। ପୁନଶ୍ଚ କାଶ୍ମୀରୀ ଶବ୍ଦଟି ଏପରି ଏକ ପ୍ରସଙ୍ଗ ନୁହେଁ ଯେ, କୌଣସି ଯୁଗରେ ଇବ୍ରାନୀୟ ଜାତି ଏଠାରେ ଆସି ବାସ କରିଥିବେ । ବରଂ ଇତିହାସର ପୁସ୍ତକମାନଙ୍କରୁ ସ୍ପଷ୍ଟ ରୂପେ ପ୍ରମାଣିତ ଯେ, ଆଜି ଠାରୁ ଦୁଇ ହଜାର୍ ବର୍ଷ ପୂର୍ବେ ଏକ ଇସ୍ରାଇଲୀୟ ନବୀ କାଶ୍ମୀରରେ ଆସିଥିଲା ଯିଏ ଇସ୍ରାଇଲୀୟ ଅଧିବାସୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା ଓ ସେହି ନବୀ (ଅବତାର) ଶେହ୍‌ଜାଦା ନବୀ (ରାଜକୁମାର ଅବତାର) ରୂପେ ବୋଲାଉଥିଲା। ସେହି ଅବତାରର କବର ମହଲ୍ଲା ଖାନିୟାର ଠାରେ ଅବସ୍ଥିତ ରହିଛି । ସେହି ଅବତାରର କବର ୟୁଜ୍ ଆସଫ୍‌ର କବର ନାମରେ ଖ୍ୟାତ ଅଟେ । ଯେପରିକି ଉକ୍ତ ଶବ୍ଦଟି ଜମାଅତ୍ ଅହମଦିୟାର ସଂସ୍ଥାପକ ନିଜର ପୁସ୍ତକମାନଙ୍କରେ ଉଲ୍ଲେଖ କରିଛନ୍ତି ଯେ, ୟୁସୁ ଆସିଫ୍‌ର ବ୍ୟୁତ୍ପତ୍ତି ହୋଇଅଛି । ଆସିଫ୍ ଇବ୍ରାନୀୟ ଭାଷାର ସେହି ବ୍ୟକ୍ତିକୁ କୁହନ୍ତି ଯିଏ ନିଜର ଜାତି ଅର୍ଥାତ୍ ନିଜର ଧର୍ମାଲମ୍ବୀ ଲୋକମାନଙ୍କୁ ସନ୍ଧାନ (ଖୋଜିଥାଏ) କରିଥାଏ ଓ ୟୁଜ୍‌ର ଶବ୍ଦ ୟୁସୁରୁ ବ୍ୟୁତ୍ପତ୍ତି ହୋଇ ପରିବର୍ତ୍ତିତ ହୋଇଅଛି । ଅର୍ଥାତ୍ ମସିହ୍‌ର ଉକ୍ତ ନାମ ଏଇଥି ପାଇଁ ନାମକରଣ କରାଗଲା ଯେ, ସେ ଇସ୍ରାଇଲ୍ ସେହି ଦଶଟି ସଂପ୍ରଦାୟକୁ ଖୋଜିବା ଏବଂ ସେମାନଙ୍କର ପର୍ଯ୍ୟନ୍ତ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇବା ସକାଶେ ବାହାରିଥିଲେ । ସେହି ଜାତିମାନଙ୍କୁ ବଖତ୍ ନସର୍ ଦାସ କରି ଘିନି ଆଣିଥିଲା । ସେହି ଲୋକମାନଙ୍କୁ ବଖତ୍ ନସର୍ ଆଣି ଆଫ୍‌ଗାନିସ୍ତାନ୍ ଓ କାଶ୍ମୀର୍ ଠାରେ ବିସ୍ଥାପିତ କରି ଦେଇଥିଲା ।

ଅଲ୍ଲାଃତାଲା ଏପରି ପରିସ୍ଥିତି ସୃଷ୍ଟି କଲେ ଯେ, ପାଲେଷ୍ଟାଇନ୍‌ରେ ତାଙ୍କ ବିରୁଦ୍ଧରେ ବିରୋଧର ଏକ ସ୍ୱର ସୃଷ୍ଟି ହୋଇଗଲା । ଏପର୍ଯ୍ୟନ୍ତକି ସରକାରଙ୍କ ପକ୍ଷରୁ ଆପଣ ଅ.ସଙ୍କ ଉପରେ ବିଦ୍ରୋହ ମକଦ୍ଦମା ଦାଏର୍ କରାଗଲା ଏବଂ ଏଥି ନିମନ୍ତେ ଫାସୀ ଦଣ୍ଡ ଧାର୍ଯ୍ୟ ହେଲା। କିନ୍ତୁ ଯେଭଳି ଅଲ୍ଲାଃତାଲା ୟୁନାନୀୟ ଅବତାରଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ ଠିକ୍ ସେହିରି ହ. ଇସା ଅ.ସଙ୍କୁ ମଧ୍ୟ ଶୂଳି ଜନିତ ମୃତ୍ୟୁରୁ ଉଦ୍ଧାର କରିଥିଲେ । ଯେହେତୁ ହ. ଇସା ଅ.ସଙ୍କ କ୍ରୁଶ ଘଟଣା ପରେ ନିଜ ଦେଶରେ ରହିବାକୁ ସକ୍ଷମ ନଥିଲେ। କାରଣ ସରକାରଙ୍କ ପକ୍ଷରୁ ଯେଉଁ ବ୍ୟକ୍ତିକୁ ଫାଶୀ ଦଣ୍ଡ ଦିଆଯିବାର ଆଦେଶ ମିଳି ସାରିଥିଲା, ସେହି ବ୍ୟକ୍ତି ଯଦି ବର୍ତ୍ତିଗଲା ତେବେ ସେହି ବ୍ୟକ୍ତିଙ୍କୁ ପୁନଃ କ୍ରୁଶରେ ଓହଳାଇ ଦିଆଯାଇଥାଏ । ସେଇଥି ପାଇଁ ହ. ଇସା ଅ.ସ ସେହି ଦେଶକୁ ପରିତ୍ୟାଗ (ଛାଡ଼ିଦେଲେ) କରି ଅତ୍ୟନ୍ତ ଦୁର୍ଗମ ପଥ ଦେଇ ପାଲେଷ୍ଟାଇନ୍, ଆଫଗାନିସ୍ତାନ୍ ଆଦି ଦେଶ ଅତିକ୍ରମ କରି

**ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।**

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ଼୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

**ଆଁହଜରତ ସ.ଅ ହୁନୈନ୍ ଯୁଦ୍ଧ ଅବସରରେ ମଦିନାର ଅନ୍‌ସାରମାନଙ୍କୁ କହିଲେ, ହେ ଅନ୍‌ସାରମାନେ ! କ'ଣ ତୁମେମାନେ ଏକଥା ପସନ୍ଦ କରୁ ନାହଁ ଯେ, ଲୋକମାନେ ତ' ଛେଳୀ ମେଣ୍ଢା ଏବଂ ଓଟ ଇତ୍ୟାଦୀ ଜୀବମାନଙ୍କୁ ଧରି ନିଜ ଘରକୁ ଯିବେ ଓ ତୁମେମାନେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହକୁ ନିଜ ସାଙ୍ଗରେ ନେଇକି ଯିବ (ଘେନି ଯିବ) ?**
**ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତୁମେମାନେ ଯେଉଁ ପୁଣ୍ୟକୁ ଘେନି ଯାଉଛ ତାହା ଲୋକମାନଙ୍କ ଛେଳୀ ମେଣ୍ଢା ଏବଂ ଓଟ ଅପେକ୍ଷା ଅଧିକ ଉତ୍ତମ ଓ ଶ୍ରେୟସ୍କର ଅଟେ ।**

**ରସୁଲୁଲ୍ଲାଃ ସ.ଅ ଅନ୍‌ସାର ସାହାବାମାନଙ୍କ ପାଇଁ ଦୁଆ କରି କହିଲେ, ହେ ଅଲ୍ଲାଃ ! ତୁମ୍ଭେ ଅନ୍‌ସାର୍‌ମାନଙ୍କ ଉପରେ ଦୟାବତୀର୍ଣ୍ଣ କର, ଅନ୍‌ସାର୍‌ମାନଙ୍କ ସନ୍ତାନ ସନ୍ତତିଙ୍କ ଉପରେ ଦୟାବତୀର୍ଣ୍ଣ କର ଓ ଅନ୍‌ସାର୍‌ମାନଙ୍କର ଆଗାମୀ ବଂଶଧରମାନଙ୍କ ଉପରେ ମଧ୍ୟ ଦୟାବତୀର୍ଣ୍ଣ କର ।**

**ଆପଣ ସ.ଅ ଓଟ ପାଖକୁ ଗଲେ ଏବଂ ତା' ଶରୀରୁ ଏକ କେଶ ବାହାର କରି ତାକୁ (କେଶକୁ) ଉପରକୁ ଉଠାଇ କହିଲେ, ହେ ଲୋକମାନେ ! ମୋତେ ତୁମମାନଙ୍କ ଧନରୁ ଏହି ଓଟର କେଶ ତୁଲ୍ୟ ଧନର ଆବଶ୍ୟକତା ନାହିଁ । କିନ୍ତୁ ଆରବୀୟମାନଙ୍କର ଆଇନ ଅନୁଯାୟୀ ପଞ୍ଚମାଂଶ ସରକାରଙ୍କର ଅଟେ ତାହା ମଧ୍ୟ ମୋତେ ଦରକାର ନାହିଁ ଏବଂ ମୁଁ ସେହି ଧନକୁ ମଧ୍ୟ ନିଜ ସ୍ୱାର୍ଥ ପାଇଁ ନିଜ ଉପରେ ଖର୍ଚ୍ଚ କରିବି ନାହିଁ । ବରଂ ତାହା ମଧ୍ୟ ତୁମମାନଙ୍କ କାମରେ ବ୍ୟୟ ହୋଇଥାଏ । ମନେରଖ ! ଯେଉଁ ବ୍ୟକ୍ତି ବିଶ୍ୱାସଘାକତା କରେ ଅର୍ଥାତ୍ ପରର କୌଣସି ଧନକୁ ଅନୈତିକ ତଥା ଅସତ୍ ଉପାୟରେ ହଡ଼ପ କରିନିଏ ତେବେ ସେହି ବ୍ୟକ୍ତି ପ୍ରଳୟ ଦିବସ ଦିନ ସେହି ହଡ଼ପ କରିଥିବା ବସ୍ତୁ ଯୋଗୁଁ ତିରସ୍କୃତ ହେବ ।**

**ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ଠାରୁ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ୟୁ.କେର ଇଜ୍‌ତମା ଆରମ୍ଭ ହେଉଛି ।**
**ଅନ୍‌ସାର୍‌ମାନଙ୍କୁ ମଧ୍ୟ ମୁଁ ଏହା କହି ଦେଉଛି ଯେ, ଯଦି କୌଣସି ବ୍ୟକ୍ତିର ହୃଦୟରେ ନିଜର ଅଭିଜ୍ଞତା କିମ୍ବା ସେବା ସଂକ୍ରାନ୍ତୀୟ କୌଣସି ଧାରଣା ସୃଷ୍ଟି ହୁଏ ତେବେ ସେହି ବ୍ୟକ୍ତି ଉକ୍ତ ଧାରଣାକୁ ପରିତ୍ୟାଗ କରିଦେଉ ଏବଂ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଉଦ୍ୟମ (ସେବା) କରୁ ।**

**ହୁନୈନ୍ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ପରିସ୍ଥିତି ଏବଂ ଘଟଣାବଳୀର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ରୋମାନିୟାର ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀଯୁକ୍ତ ଫହିମୁଦ୍ଦୀନ ନାସିର୍ ସାହେବ ଏବଂ କାନାଡ଼ାର ଶ୍ରୀଯୁକ୍ତ ଅବ୍‌ଦୁଲ୍ ଅଲିମ୍ ଫାରୁକି ସାହେବଙ୍କ ବିୟୋଗ, ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।**

**ଆପଣ ବିଦେଶରେ ଧର୍ମ ସକାଶେ ନିଜ ପ୍ରାଣର ବଳିଦାନ ଦେଲେ । ସେହି ଦୃଷ୍ଟିରୁ ଫହିମ୍ ନାସିର୍ ସାହେବଙ୍କ ମର୍ଯ୍ୟାଦା ମଧ୍ୟ ଶହୀଦଙ୍କ ମର୍ଯ୍ୟାଦା ଅଟେ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିଜର ଅଙ୍ଗୀକାରକୁ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସମ୍ପାଦନ କଲେ । ମୁଁ ମଧ୍ୟ ସର୍ବଦା ଏହା ଦେଖିଛି ଯେ, ତାଙ୍କ ଚେହେରାରେ ସ୍ମିତହାସ୍ୟ ସର୍ବଦା ବିଦ୍ୟମାନ ରହୁଥିଲା ।**

**26 September 2025 ମସିହା ଅନୁଯାୟୀ ୨ ୬ ତବୁକ୍ ୧ ୪ ୦ ୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ହୁନୈନ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଅତିରିକ୍ତ ବିବରଣୀ ମଧ୍ୟ ରହିଛି। ଯେପରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି ଯେ, ଆଁହଜରତ ସ.ଅ ଯେତେବେଳେ ମାଲେ ଗନିମତ୍ ବାଣ୍ଟିଲେ ଏବଂ ମୁଜାହିଦୀନ୍‌ମାନଙ୍କୁ ସେମାନଙ୍କର ଭାଗ ପ୍ରଦାନ କରିଦେଲେ ସେତେବେଳେ ଯେଉଁ ପଞ୍ଚାମାଂଶ ରହିଥିଲା ସେହି ସମସ୍ତ ଅଂଶକୁ ଆପଣ ସ.ଅ ମୁଓଲ୍ଲିଫତୁଲ୍ କୁଲୁବ୍ ସକାଶେ କୁରୈଶ୍‌ମାନଙ୍କର ଅଧିପତି ଏବଂ ଅନ୍ୟାନ୍ୟ ଆରବ୍ୟ ଅଧିପତିମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ତେଣୁ ଆପଣ ସ.ଅ କାହାକୁ ଗୋଟିଏ ଓଟ ପ୍ରଦାନ କଲେ ତ' ଆଉ କାହାକୁ 50ଟି ଓଟ ପ୍ରଦାନ କଲେ । ଏତେ ବିପୁଳ ପରିମାଣର ଅର୍ଥ ଦାନ ଯୋଗୁଁ ଅନ୍‌ସାର୍‌ମାନଙ୍କର କେତେକ ଯୁବକମାନେ ଏହା ଅନୁଭବ କଲେ ଏବଂ ଏପରି ଭାବିଲେ ଯେ, ଯେପରିକି ସେମାନେ ନିଜର ସେବା ଏବଂ ଆଁହଜରତ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମ ଓ ଆନ୍ତରୀକତା ଯୋଗୁଁ ସେମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଯୋଗ୍ୟ ଥିଲେ। ସୁତରାଂ ସେମାନେ ଏହା କହିବାକୁ ଲାଗିଲେ ଯେ, يَغْفِرُ اللّٰهُ لِرَسُوْلِ اللّٰهِ ﷺ يُعْطِي قُرَيْشًا وَيَدَعُنَا وَسُيُوْفُنَا تَقْطُرُ مِنْ دِمَائِهِمْ ଅର୍ଥାତ୍ ଆପଣ ସ.ଅ କୁରୈଶ୍‌ମାନଙ୍କୁ ପୁରସ୍କୃତ କରୁଛନ୍ତି ଏବଂ ଆମମାନଙ୍କୁ ଛାଡୁଛନ୍ତି । ତେଣୁ ଅଲ୍ଲାଃତାଲା ନିଜର ଅସୀମ କ୍ଷମା ବଳରେ ଆଁହଜରତ ସ.ଅଙ୍କୁ ମଧ୍ୟ ପୁରସ୍କୃତ କରନ୍ତୁ । ଏହି ଧାରଣା ଅନ୍‌ସାର୍‌ମାନଙ୍କ ମନରେ ସୃଷ୍ଟି ହେଲା । ଆମମାନଙ୍କର ଖଡ଼୍‌ଗ ମଧ୍ୟରୁ ସେହି ଶତ୍ରୁମାନଙ୍କର ରକ୍ତ ଟପ୍ ଟପ୍ ପଡୁଅଛି । **(ବୁଖାରୀ, କିତାବୁ ଫର୍ଜିଲ୍ ଖମ୍‌ସି, ବାବ୍- ମା କାନନ୍ ନବୀୟୁ ସ.ଅ, ୟୁତିଲ୍ ମୁଅଲ୍ଲଫତୁଲ୍ କୁଲୁବୁହମ୍, ହଦିସ୍ ନଂ-3147)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-396, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-290, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ସେମାନଙ୍କ ମଧ୍ୟରୁ କେହି ଜଣେ ଏହା ମଧ୍ୟ କହିଲା କି, ଯେତେବେଳେ ପରିସ୍ଥିତି ଅତ୍ୟନ୍ତ ଉତ୍କଟ ଏବଂ ବିଷମ ହୁଏ ସେତେବେଳେ ଆମମାନଙ୍କୁ ଡକାଯିବ କିନ୍ତୁ ମାଲେ ଗନିମତ୍ ବଣ୍ଟା ସମୟରେ ଆମମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ମାଲେ ଗନିମତ୍ ପ୍ରଦାନ କରାଯିବ । **(ସହିହୁ, ଇବ୍‌ନେ ହବ୍‌ବାନ୍, କିତାବୁସ୍ ସୈର୍, ବାବ୍-ଜିକ୍ରୁ ମା ୟସ୍ତଜିବୁ ଲିଲ୍‌ଇମାମିସ ଅଇଁ ୟଦ୍‌ଉ ଅନ୍‌ସାରହୁ, ପୃ-1287, ହଦିସ୍ ନଂ-4769 ଦାରୁଲ୍ ମାଆର୍ଫା, ବୈରୁତ୍, 2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିସବୁ କଥା ସଂପର୍କରେ ଯେତେବେଳେ ଆଁହଜରତ ସ.ଅଙ୍କୁ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ଅନ୍‌ସାର୍‌ମାନଙ୍କର ଅଧିପତି ହ. ସାଆଦ୍ ବିନ୍ ଉବାଦା ର.ଅଙ୍କୁ ଡକାଇଲେ । କେତେକଙ୍କ ନିକଟରେ ଏହି ସମସ୍ତ କଥା କହିଥିବା ବ୍ୟକ୍ତି ହ. ସଆଦ୍ ର.ଅ ହିଁ ଥିଲେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ତାଙ୍କୁ ପଚାରିଲେ, فَأَيْنَ أَنْتَ مِنْ ذٰلِكَ يَا سَعْدُ ଅର୍ଥାତ୍ ହେ ସାଆଦ୍ ! ଏଥି ସଂକ୍ରାନ୍ତରେ ତୁମର କ'ଣ ମତାମତ ରହିଛି ? ପ୍ରତ୍ୟୁତ୍ତରରେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ମଧ୍ୟ ନିଜର ଜାତିର ସଦସ୍ୟ ଅଟେ । ତେଣୁ ମୋତେ ମଧ୍ୟ ଉକ୍ତ କଥା ପ୍ରଭାବିତ କରିପାରିବ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ହ. ସାଆଦ୍ ର.ଅଙ୍କୁ କହିଲେ, ହେ ସାଆଦ୍ ! ତୁମେ ଅନ୍‌ସାରମାନଙ୍କୁ ଏକତ୍ରିତ କର । ସୁତରାଂ ସମସ୍ତ ଅନ୍‌ସାରମାନେ ଏକ ଶିବିର ମଧ୍ୟରେ ଏକତ୍ରିତ ହେଲେ । କିଛି ପ୍ରବାସକାରୀମାନେ ମଧ୍ୟ ସାମିଲ୍ ହୋଇଗଲେ । ତେବେ ଆଁହଜରତ ସ.ଅ ପ୍ରବାସକାରୀମାନଙ୍କୁ କହିଲେ, ହେ ପ୍ରବାସାକାରୀମାନେ! ମୁଁ କେବଳ ଅନ୍‌ସାରମାନଙ୍କୁ ଡାକିଛି, ତୁମମାନଙ୍କୁ ନୁହେଁ । ଅତଏବ୍ ଆଁହଜରତ

ସ.ଅ ପ୍ରବାସକାରୀମାନଙ୍କୁ ଫେରାଇ ଦେଲେ ଓ ସେମାନଙ୍କୁ ଫେରିଯିବାକୁ କହିଲେ । ତତ୍ପରେ ଆପଣ ସ.ଅ ଅନ୍‌ସାରୀମାନଙ୍କୁ ସମ୍ବୋଧିତ କରି କହିଲେ, ହେ ଅନ୍‌ସାରମାନଙ୍କ ଗୋଷ୍ଠୀ! ତୁମମାନଙ୍କ ସଂପର୍କରେ ମୁଁ ଯେଉଁ କଥାଟି ଶୁଣିଛି ତାହା କ'ଣ ସତ ? ଆଁହଜରତ୍ ସ.ଅଙ୍କ ଉକ୍ତ କଥାକୁ ଶୁଣି ଅନ୍‌ସାରମାନଙ୍କ ମନୀଷୀ ତଥା ସଠିକ୍ ମତପ୍ରଦାନକାରୀ ବ୍ୟକ୍ତିମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତିମାନେ ବିବେ ସମ୍ପନ୍ନ ବ୍ୟକ୍ତି ଅଟନ୍ତି ସେମାନେ ଏପରି କୌଣସି କଥା କହି ନାହାନ୍ତି । କିନ୍ତୁ କେତେକ ଆତୁର ସ୍ୱଭାବର ଯୁବକମାନେ କହିଲେ, ହେ ଅଲ୍ଲାଃତାଲା ନବୀ କରୀମ୍ ସ.ଅଙ୍କୁ କ୍ଷମା ପ୍ରଦାନ କରନ୍ତୁ। କାରଣ ଆପଣ ସ.ଅ କୁରୈଶ୍‌ମାନଙ୍କୁ ମାଲେ ଗନିମତ୍ ପ୍ରଦାନ କରୁଛନ୍ତି ଏବଂ ଆମେମାନେ ଆପଣ ସ.ଅଙ୍କ ପ୍ରଦତ୍ତ ପୁରସ୍କାରରୁ ବଞ୍ଚିତ ରହିଛୁ । ଅପରପକ୍ଷେ ଆମମାନଙ୍କର ଖଡ଼୍ଗରୁ ସେହି ଶତ୍ରୁମାନଙ୍କର ରକ୍ତ ବିନ୍ଦୁ ଟପ୍ ଟପ୍ ହୋଇ ତଳେ ପଡୁଛି । ଅନ୍‌ସାର୍ ହେବା ଯୋଗୁଁ ସେମାନଙ୍କ ଉପରେ ଯେଉଁ ପୁରସ୍କାର ଏବଂ ଉପକାର ହୋଇଛି ତାହାର ଚର୍ଚ୍ଚା କରି ଆଁହଜରତ୍ ସ.ଅ ଅନ୍‌ସାର୍‌ମାନଙ୍କୁ ସମ୍ବୋଧିତ କରି କହିଲେ, "ହେ ଅନ୍‌ସାରମାନେ ! ମୁଁ ଯେତେବେଳେ ତୁମମାନଙ୍କୁ ଭେଟିଥିଲି ସେତେବେଳେ ମୁଁ ତୁମମାନଙ୍କୁ ମାର୍ଗଚ୍ୟୁତ ଥିବାର ପାଇ ନଥିଲି କି ? ପୁନଶ୍ଚ ଏତଦ୍‌ପରେ (ଏହାପରେ) ଅଲ୍ଲାଃତାଲା ମୋ ମାଧ୍ୟମରେ ତୁମମାନଙ୍କୁ ସତ୍‌ମାର୍ଗ ପ୍ରଦାନ କଲ ଏବଂ ତୁମମାନେ କ୍ଷିପ୍ତ ବିକ୍ଷିପ୍ତ ଜାତି ଥିଲ, ତୁମେମାନେ ପରସ୍ପରର ଶତ୍ରୁ ଥିଲ, ଅଲ୍ଲାଃତାଲା ମୋ ମାଧ୍ୟମରେ ତୁମମାନଙ୍କ ମଧ୍ୟରେ ଏକତା, ମିତ୍ରତା, ବନ୍ଧୁତ୍ୱତା, ପ୍ରେମ ଓ ଆନ୍ତରୀକତା ସୃଷ୍ଟି କରିଦେଲେ ଏବଂ ତୁମେମାନେ ଦୀନ, ଦରିଦ୍ର ଓ ଅଭାବଗ୍ରସ୍ତ ଥିଲ । ଅଲ୍ଲାଃତାଲା ମୋ ଯୋଗୁଁ ତୁମମାନଙ୍କୁ ଧନବାନ୍ କରିଦେଲେ । ରସୁଲୁଲ୍ଲାଃ ସ.ଅ ଯେଉଁ କଥା ବି କହୁଥିଲେ ପ୍ରତ୍ୟୁତ୍ତରରେ ଅନ୍‌ସାର୍‌ମାନେ କହୁଥିଲେ ଯେ, اَللّٰهُ وَرَسُوْلُهٗ اَمَنُّ ଅର୍ଥାତ୍ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏସବୁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ପ୍ରଦତ୍ତ ଦୟା ଓ କୃପା ଅଟେ ।

ଆଁହଜରତ ସ.ଅ ଯେତେବେଳେ ଅନ୍‌ସାର୍‌ମାନଙ୍କ ପକ୍ଷରୁ ଉକ୍ତ ଉତ୍ତର ଶୁଣିଲେ ସେତେବେଳେ କହିଲେ, ହେ ଅନ୍‌ସାର୍‌ମାନେ ! ତୁମେମାନେ ମୋତେ ଉତ୍ତର କାହିଁକି ପ୍ରଦାନ କରୁ ନାହଁ ? ସେମାନେ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ? ଆପଣ ସ.ଅ କହିଲେ, ଯଦି ତୁମମାନ ଚାହୁଁଛ ତେବେ ତୁମେମାନେ ମୋତେ ଏହି ଉତ୍ତର ଦେଇପାରିବ ଏବଂ ତୁମେମାନେ ଯଦି ସତ୍ୟ କହୁଥିବ ତେବେ ତୁମମାନଙ୍କ କଥାର ପୁଷ୍ଟି ହୋଇଯିବ । ତୁମେମାନେ ଏହା କହି ପାରିବ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କ ନିକଟକୁ ଏପରି ଅବସ୍ଥାରେ ଆସିଲେ ଯେ, ଆପଣ ସ.ଅଙ୍କୁ ପ୍ରତ୍ୟାଖ୍ୟାନ ଓ ଅସ୍ୱୀକାର କରି ଦିଆଯାଇଥିଲା । କିନ୍ତୁ ଆମେମାନେ ସେତେବେଳେ ଆପଣ ସ.ଅଙ୍କର ପୁଷ୍ଟି କଲୁ ଏବଂ ଆପଣ ସ.ଅ ଯେତେବେଳେ ଅସହାୟ ଥିଲେ ସେତେବେଳେ ଲୋକମାନେ ଆପଣ ସ.ଅଙ୍କୁ ଚାହିଁ ଆପଣ ସ.ଅଙ୍କୁ ଆଶ୍ରୟ ପ୍ରଦାନ କରି ନଥିଲେ । କିନ୍ତୁ ଆମେମାନେ ଆପଣ ସ.ଅଙ୍କୁ ସାହାଯ୍ୟ କଲୁ । ଯେତେବେଳେ ସେମାନେ ଅର୍ଥାତ୍ ମକ୍କାବାସୀମାନେ ଆପଣ ସ.ଅଙ୍କୁ ନିଜ ସହରରୁ ନିର୍ବାସିତ ଏବଂ ବିତାଡ଼ିତ କରି ଦେଇଥିଲେ ସେତେବେଳେ ଆମେମାନେ ହିଁ ଆପଣ ସ.ଅଙ୍କୁ ଆଶ୍ରୟ ପ୍ରଦାନ କରିଥିଲୁ । ଯେତେବେଳେ ଆପଣ ସ.ଅଙ୍କ ପରିବାର ବଡ଼ ଥିଲା ସେତେବେଳେ ଆମେମାନେ ଆପଣ ସ.ଅଙ୍କ ପରିବାର ସୁଖ ଦୁଃଖ କଥା ବୁଝିଥିଲୁ । ରସୁଲୁଲ୍ଲାଃ ସ.ଅଙ୍କ ଉପରୋକ୍ତ କଥା ଶୁଣି କେହି ଅନ୍‌ସାରୀ କିଛି ବି କହିଲା ନାହିଁ । ସମସ୍ତେ ନତମସ୍ତକ (ମୁଣ୍ଡ ତଳକୁ କରି) ହୋଇ ଆପଣ ସ.ଅଙ୍କ କଥା ଶୁଣୁଥିଲେ ଏବଂ ନିଜକୁ ଲଜ୍ଜିତ ମନେ କରୁଥିଲେ । ଆପଣ ସ.ଅ ଅନ୍‌ସାର୍‌ମାନଙ୍କୁ ଏହା ମଧ୍ୟ କହିଲେ ଯେ, ହେ ଅନ୍‌ସାର୍‌ମାନେ ! ମୁଁ କୁରୈଶ୍‌ମାନଙ୍କ ପ୍ରତି ଏପରି ଆଚରଣ କାହିଁକି ପ୍ରଦର୍ଶନ କଲି ? ଆପଣ ସ.ଅ କହିଲେ, ତୁମେମାନେ ତ' ପ୍ରଥମେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାରିଥିଲ ଏବଂ ଇସ୍‌ଲାମ୍ ଧର୍ମ ଓ ବିଶ୍ୱାସ ତୁମମାନଙ୍କ ହୃଦୟରେ ଭଲ ଭାବରେ ଆସନ୍ନିତ ତଥା ପ୍ରବିଷ୍ଟ ହୋଇଯାଇଥିଲା । କିନ୍ତୁ କୁରୈଶ୍‌ମାନଙ୍କ ମଧ୍ୟରୁ ଅନେକ ଲୋକମାନେ ମକ୍କା ବିଜୟ ଅବସରରେ ନୂତନ ରୂପେ ମୁସଲମାନ ହୋଇଥିଲେ । କେବଳ ସେତିକି ନୁହେଁ ବରଂ ଅସଂଖ୍ୟ ଲୋକମାନେ ଏପରି ଥିଲେ ଯେ, ସେମାନେ ଏଯାବତ୍ ଇସ୍‌ଲାମ୍ ଧର୍ମ ସହିତ ସଂଶ୍ଳିଷ୍ଟ ଓ ପ୍ରବିଷ୍ଟ ହୋଇ ନଥିଲେ । ସେହିପରି ପୁରାତନ ବିଶ୍ୱାସକାରୀମାନଙ୍କ ସଂପର୍କରେ ଏହି ନବ ଦୀକ୍ଷିତ ମୁସଲମାନମାନେ ସଦୟ, ସଂପର୍କୀୟ ଯୋଗସୂତ୍ର ରକ୍ଷା ଓ ପୁରସ୍କାର ପ୍ରାପ୍ତ କରିବାରେ ସର୍ବାଧିକ ରୂପେ ଯୋଗ୍ୟ ଥିଲେ । ଅର୍ଥାତ୍ ଇସ୍‌ଲାମ୍ ଧର୍ମ ସେବି ନବାଗତମାନଙ୍କ ମନରେ ଆସନ୍ନିତ ହୋଇଯାଉ ଏବଂ କୁରୈଶ୍‌ମାନେ ଏଥି ନିମନ୍ତେ ମଧ୍ୟ ସେହି କୁରୈଶ୍‌ମାନେ ପୁରସ୍କାରର ଅଧିକାରୀ ଥିଲେ । କାରଣ ଅନେକ ଯୁଦ୍ଧରେ କୁରୈଶ୍‌ମାନଙ୍କର ଧନ ହାନୀ ପ୍ରାଣ ପୀଡ଼ାର ଅଶେଷ କ୍ଷତି ଘଟିଥିଲା। ସେଇଥି ପାଇଁ ମୋର ଏହି ଉଦ୍ଦେଶ୍ୟ ଥିଲା କି ସେମାନଙ୍କର ମନକୁ ମୁଁ ରଖିନେବି ଓ ସେମାନଙ୍କର ପୃଷ୍ଠପୋଷକତା କରିବି । ଏମାନେ ଅର୍ଥାତ୍ କୁରୈଶ୍‌ମାନେ ସଂପୂର୍ଣ୍ଣ ରୂପେ ଇସ୍‌ଲାମ୍ ଧର୍ମ ଏବଂ ବିଶ୍ୱାସର ପରିଧି ମଧ୍ୟକୁ ଚାଲି ଆସନ୍ତୁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅ ପୁନଶ୍ଚ କହିଲେ, ହେ ଅନ୍‌ସାର୍‌ମାନେ! କ'ଣ ତୁମେମାନେ ଏହା ଚାହୁଁ ନାହଁ (ପସନ୍ଦ କରୁ ନାହଁ) ଯେ, ଲୋକମାନେ ତ' ଛେଳୀ ମେଣ୍ଢା ଏବଂ ଓଟ ଇତ୍ୟାଦି ଜୀବମାନଙ୍କୁ ଘିନି (ଧରି) ନିଜ ଘରକୁ ଯିବେ ଓ ତୁମେମାନେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହକୁ ନିଜ ସାଙ୍ଗରେ (ଘିନି) ନେଇକି ଯିବ ? ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତୁମେମାନେ ଯେଉଁ ପୁଣ୍ୟକୁ ଘେନି ଯାଉଛ ତାହା ଲୋକମାନଙ୍କ ଛେଳୀ ମେଣ୍ଢା ଓ ଓଟ ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ। ଆଁହଜରତ ସ.ଅ କହିଲେ, ଯଦି ଲୋକମାନେ କୌଣସି ଉପତ୍ୟକା କିମ୍ବା ଘାଟି ମଧ୍ୟରେ ଚାଲନ୍ତି ଏବଂ ଅନ୍‌ସାର୍‌ମାନେ କୌଣସି ଉପତ୍ୟକା କିମ୍ବା ଘାଟି ମଧ୍ୟରେ ଚାଲନ୍ତି ତେବେ ମୁଁ ବି ଅନ୍‌ସର୍‌ମାନଙ୍କ ସହିତ ଚାଲିବାକୁ ପସନ୍ଦ କରିବି । ଅର୍ଥାତ୍ ମୁଁ ଅନ୍‌ସାର୍‌ମାନଙ୍କ ଗୋଷ୍ଠୀରେ ସାମିଲ୍ ହେବି । ଆପଣ ସ.ଅ କହିଲେ, ଲୋକମାନେ ହେଉଛନ୍ତି ମୋର ବାହ୍ୟ ବସ୍ତ୍ର । ଅପରପକ୍ଷେ ଅନ୍‌ସାର୍‌ମାନେ ହେଉଛନ୍ତି ମୋର ଅନ୍ତଃବସ୍ତ୍ର ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ପୁନଶ୍ଚ କହିଲେ, ହେ ଅନ୍‌ସାର୍‌ମାନେ ! ଯେତେବେଳେ ତୁମେମାନେ ମୋ ପରେ ତୁମମାନଙ୍କ ଉପରେ କିମ୍ବା ତୁମମାନଙ୍କ ଅପେକ୍ଷା ଅନ୍ୟମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉଥିବା ଦେଖିବ ସେତେବେଳେ ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କରିବ । ଏପର୍ଯ୍ୟନ୍ତକି ବୈକୁଣ୍ଠରେ ଥିବା ଜଳକୁଣ୍ଡ ନିକଟରେ ତୁମମାନଙ୍କର ଭେଟ ମୋ ସହିତ ହୋଇଯିବ । ଅର୍ଥାତ୍ ପ୍ରଳୟ ଦିବସ ଦିନ ତୁମମାନଙ୍କର ମୋର ସହିତ ଭେଟ ହେବ ଏବଂ ତୁମମାନଙ୍କୁ ଆଧିପତିତ୍ୱତା ପ୍ରାପ୍ତ ହେବ ନାହିଁ । ପରିଶେଷରେ ଆପଣ ସ.ଅ ଅନ୍‌ସାର୍‌ମାନଙ୍କ ନିମନ୍ତେ ଦୁଆ କରି କହିଲେ, ହେ ଅଲ୍ଲାଃତାଲା ! ତୁମ୍ଭେ ଅନ୍‌ସାର୍‌ମାନଙ୍କ ଉପରେ ଦୟାବତୀର୍ଣ୍ଣ କର, ସେମାନଙ୍କ ସନ୍ତାନ ସନ୍ତତିମାନଙ୍କ ଉପରେ ଦୟାବତୀର୍ଣ୍ଣ କର ଓ ଅନ୍‌ସାର୍‌ମାନଙ୍କ ପରବର୍ତ୍ତୀ ପିଢ଼ୀଙ୍କ ଉପରେ ମଧ୍ୟ ଦୟାବତୀର୍ଣ୍ଣ କର ।

ହୁଜୁର ଅନ୍‌ୱର୍ କହିଲେ, ବର୍ଣ୍ଣନାକାରୀ କୁହନ୍ତି ଯେ, ଆଁହଜରତ ସ.ଅ ଉକ୍ତ ଉଦ୍‌ବୋଧନ ଦେଉଥିଲେ ଏବଂ ଅନ୍‌ସାର୍‌ମାନେ କାନ୍ଦୁଥିଲେ । ଏପର୍ଯ୍ୟନ୍ତକି ସେମାନଙ୍କର ଅର୍ଥାତ୍ ଅନ୍‌ସାର୍‌ମାନଙ୍କର ଦାଢ଼ି ଲୁହ ଦ୍ୱାରା ଭିଜିଗଲା ଏବଂ ସେମାନେ ଏହା କହି ଚାଲିଥିଲେ ଯେ, رَضِيْنَا بِرَسُوْلِ اللّٰهِ قِسْمًا وَّحَظًّا ଅର୍ଥାତ୍ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ଦ୍ୱାରା ବଣ୍ଟା ହୋଇଥିବା ମାଲେ ଗନିମତ୍ ଏବଂ ନିଜର ଭାଗ ସଂପର୍କରେ ମନ ଓ ପ୍ରାଣର ସହିତ ପ୍ରସନ୍ନ ଅଟୁ । **(ସହି ବୁଖାରୀ, କିତାବୁ ଫର୍ଜିଲ୍ ଖମ୍‌ସି, ବାବ୍- ମା କାନନ୍ ନବୀୟୁ ସ.ଅ, ୟୁତିଲ୍ ମୁଅଲ୍ଲଫତୁଲ୍ କୁଲୁବୁହୁମ୍, ହଦିସ୍ ନଂ-3147) (ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱତୁତ୍ ତାଇଫି....... ହଦିସ୍ ନଂ-4331) (ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ, ଭାଗ-4, ପୃ-192-193, ଆଲିମୁଲ୍ କୁତୁବ୍) (ଅସ୍ ସିରତୁନ୍ ନବୱିୟାହ୍ କମା ଯାଅତ୍ ଫିଲ୍ ଆହଦିସ୍ ସହିହତା, ଭାଗ-4, ପୃ-81, ମକ୍‌ତବଲ୍ ଅବୟିକାନ୍, ଅର୍ ରିୟାଜ୍ 2014) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-403, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-293-298, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ କିଛି ନଭାବି (ବୁଝି ଓ ନ ବିଚାରି) କୁହାଯାଇଥିବା କଥାର ପରିଣାମ ଖୁବ ଦୂରବର୍ତ୍ତୀ ଅର୍ଥାତ୍ ଅତି ଭୟଙ୍କର ହୋଇଥାଏ। ରସୁଲୁଲ୍ଲାଃ ସ.ଅଙ୍କ ବଣ୍ଟନ ଶୈଳୀ ଉପରେ ପ୍ରତ୍ୟେକ ଅନ୍‌ସାର୍ ଯୁବକମାନେ ନାପସନ୍ଦ ଭାବାବେଗ ପରିପ୍ରକାଶ କରିଥିଲେ । କିନ୍ତୁ ସମସ୍ତ ଲୋକମାନେ ଏପରି ନାପସନ୍ଦ ଭାବାବେଗ ବ୍ୟକ୍ତ କରି ନଥିଲେ । କିନ୍ତୁ ଉକ୍ତ କଥାଟି ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନିମନ୍ତେ ରୁଷ୍ଟକାରୀ ପ୍ରସଙ୍ଗ (କଥା) ଥିଲା । ଅନ୍‌ସାର୍‌ମାନଙ୍କୁ ସଂସାର ଥିବା ଯାଏ ଏହାର ପରିଣାମ ଭୋଗିବାକୁ ପଡ଼ିଥିଲା ।

ଅତଏବ୍ ଏହାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ମକ୍କା ଜୟ କଲେ ସେତେବେଳେ ମକ୍କାର ଲୋକମାନେ ଆପଣ ସ.ଅଙ୍କ ପାଖକୁ ଆସିଲେ। ସେହି ମକ୍କାବାସୀଙ୍କର ବିଶ୍ୱାସ ଅପୂର୍ଣ୍ଣ ଥିବା ହେତୁ ଏବଂ ମକ୍କାର ନବଦୀକ୍ଷିତ ମୁସଲମାନମାନେ ବିଶ୍ୱାସ ସହିତ ଅନବଗତ ହେବା ଯୋଗୁଁ ସେମାନଙ୍କର ଧ୍ୟାନ ଏପର୍ଯ୍ୟନ୍ତ ସାଂସାରିକତା, ସାଂସାରିକ ମୋହ ମାୟା ଓ ସୁଖ ସ୍ୱାଚ୍ଛନ୍ଦ୍ୟ ଆଡ଼କୁ ରହିଥିଲା। ଏତଦ୍‌ପରେ ଏକ ଯୁଦ୍ଧରେ ମୁସଲମାନ ହାତ ମୁଠାକୁ


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଯେତେବେଳେ ମାଲେ ଗନିମତ୍ ଆସିଲା ସେତେବେଳେ ସେହି ଧନକୁ ଆଁହଜରତ ସ.ଅ ସେହି ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେଲେ ଯେଉଁମାନେ ନୂତନ ରୂପେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ । ସୁତରାଂ ଜନୈକ୍ ଅନ୍‌ସାରୀ ଯୁବକ ଜଣକ କୌଣସି ଏକ ସଭାରେ କହିଲା, କି ଆମମାନଙ୍କ ଖଡ଼୍‌ଗରୁ ତ' ରକ୍ତ ବୁନ୍ଦା ତଳେ ଟପ୍ ଟପ୍ ହୋଇ ପଡୁଛି ଆଉ ରସୁଲ୍ କରୀମ୍ ସ.ଅ ମାଲେ ଗନିମତ୍ ନିଜର ସଂପର୍କୀୟମାନଙ୍କୁ ଦେଇଦେଲେ । ଯେତେବେଳେ ଆପଣ ସ.ଅଙ୍କୁ ଉକ୍ତ କଥା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ବଡ଼ ବଡ଼ ଅନ୍‌ସାର୍‌ମାନଙ୍କୁ ଡକାଇଲେ ଏବଂ ସେମାନଙ୍କୁ ପଚାରିଲେ ଯେ, ହେ ଅନ୍‌ସାର୍‌ମାନେ! ମୁଁ ତୁମମାନଙ୍କ ପକ୍ଷରୁ ଏପରି କଥା ଶୁଣିଛି ଯାହାକି ମୋତେ ବ୍ୟଥିତ ଓ ମର୍ମାହତ କରି ପକାଇଛି । ଅନ୍‌ସାରମାନେ କାନ୍ଦିବାକୁ ଲାଗିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ କିଏ ସେ ଅବୋଧ ବ୍ୟକ୍ତି ଯିଏ ଏପରି କଥା କହିଛି ? ଆପଣ ସ.ଅ କହିଲେ, ହେ ଅନ୍‌ସାର୍‌ମାନେ ! ନା କେହି କହି ନାହିଁ । ହେ ଅନ୍‌ସାର୍‌ମାନେ ! ତୁମେମାନେ ଏହା କହିପାରି ଥାଆନ୍ତ ଯେ, ଆମେମାନେ ମୁହମ୍ମଦ ସ.ଅଙ୍କୁ ସେପର୍ଯ୍ୟନ୍ତ ଆଶ୍ରୟ ପ୍ରଦାନ କଲୁ ଯେତେବେଳେ ତାଙ୍କୁ କେହି ବି ଆଶ୍ରୟ ଦେଉ ନଥିଲା । ମୁହମ୍ମଦ୍ ସ.ଅଙ୍କୁ ତାଙ୍କର ସହର ବାସୀନ୍ଦାମାନେ (ମକ୍କାବାସୀମାନେ) ନିର୍ବାସିତ କରି ଦେଇଥିଲେ। ପୁନଶ୍ଚ ଏଥି ନିମନ୍ତେ ସମ୍ମାନ ଏବଂ ବିଜୟ ପ୍ରାପ୍ତ କଲେ । ପୁନଶ୍ଚ ସେ ଅର୍ଥାତ୍ ମୁହମ୍ମଦ୍ ସ.ଅ ନିଜର ସଂପର୍କୀୟମାନଙ୍କୁ ସେହି ଧନ ଅର୍ଥାତ୍ ମାଲେ ଗନିମତ୍ ପ୍ରଦାନ କରିଦେଲେ। ଏକଥା ଶୁଣି ଅନ୍‌ସାରମାନେ ଚିହିଁକି ଉଠିଲେ (ଚିତ୍କାର କରି ଉଠିଲେ) ଏବଂ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଏପରି କଥା କହି ନାହୁଁ କି କହି ପାରିବୁ ନାହିଁ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ଅନ୍‌ସାର୍‌ମାନେ ! ତୁମେମାନେ ଉକ୍ତ (ଏହି) କଥାକୁ ଏପରି କହିପାରିବ ଯେ, ଯେଉଁ ବ୍ୟକ୍ତିକୁ ଈଶ୍ୱର ସମଗ୍ର ସଂସାରର ମାର୍ଗଦର୍ଶନ ନିମନ୍ତେ ପ୍ରେରଣ କଲେ ସେହି ବ୍ୟକ୍ତି ମକ୍କାର ବସ୍ତୁ ଅର୍ଥାତ୍ ମକ୍କାର ଅଧିବାସୀ ଥିଲା । କିନ୍ତୁ ଈଶ୍ୱର ସେହି ବ୍ୟକ୍ତିକୁ ମଦିନା ନେଇଗଲେ । ପୁନଶ୍ଚ ଈଶ୍ୱର ନିଜର ଶକ୍ତି ତଥା ବଳ ମାଧ୍ୟମରେ ମକ୍କାକୁ ସେହି ବ୍ୟକ୍ତି ଅର୍ଥାତ୍ ମହାବତାରଙ୍କ ନିମନ୍ତେ ଜୟ କଲେ । ସେତେବେଳେ ମକ୍କାବାସୀମାନଙ୍କର ଏହି ଧାରଣା ରହିଥିଲା ଯେ, ସେମାନଙ୍କର ଜିନିଷ ସେମାନଙ୍କୁ ପୁନଃ ମିଳିଯିବ । କିନ୍ତୁ ମକ୍କାବାସୀମାନେ ଛେଳୀ ମେଣ୍ଢା ଇତ୍ୟାଦି ଜୀବନମାନଙ୍କୁ ନେଇଗଲେ ଏବଂ ମଦିନାବାସୀମାନେ ଈଶ୍ୱରଙ୍କ ବାର୍ତ୍ତାବହଙ୍କୁ ନେଇ ନିଜ ସହର ଅଭିମୁଖେ ଚାଲିଗଲେ। ପୁନଶ୍ଚ ଆପଣ ସ.ଅ କହିଲେ, ହେ ଅନ୍‌ସାର୍‌ମାନେ ! ନିଃସନ୍ଦେହ ରୂପେ ଉକ୍ତ କଥାଟି ଜଣେ ଅବୋଧ ବ୍ୟକ୍ତିର ତୁଣ୍ଡରୁ ନିସୃତ (ବାହାରିଛି) ହୋଇଅଛି । କିନ୍ତୁ ଉକ୍ତ କଥା ଯୋଗୁଁ ତୁମମାନଙ୍କୁ ଆଉ ଏହି ସଂସାରର ଶାସନ ପ୍ରାପ୍ତ ହୋଇ ପାରିବ ନାହିଁ । ବର୍ତ୍ତମାନ ତୁମମାନଙ୍କର ସେବାର ପ୍ରତିଫଳ ତୁମମାନଙ୍କୁ ହୌଜେ କୌସର୍ ଅର୍ଥାତ୍ ବୈକୁଣ୍ଠ ସ୍ଥିତ ଏକ ଜଳକୁଣ୍ଡ ଠାରେ ହିଁ ପ୍ରାପ୍ତ ହେବ । ଆପଣ ର.ଅ କୁହନ୍ତି ଦେଖିନିଅ। ଇତିହାସ ଉକ୍ତ କଥାର ସାକ୍ଷ୍ୟ ପ୍ରଦାନ କରେ ଯେ, 13 ଶତାବ୍ଦୀ ଅତିକ୍ରାନ୍ତ ହୋଇ ସାରିଛି ଏବଂ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟ ଅତିକ୍ରାନ୍ତ ହେଉଅଛି । ବରଂ ତାହା ମଧ୍ୟ ଅତିକ୍ରାନ୍ତ ହୋଇଯିବ । ଉକ୍ତ ଅବଧି ମଧ୍ୟରେ ପ୍ରତ୍ୟେକ ଜାତି ଇସ୍‌ଲାମ୍ ଧର୍ମ ସାହାଯ୍ୟରେ ହିଁ ସମ୍ରାଟ୍ ହୋଇଛି । କିନ୍ତୁ କୌଣସି ଅନ୍‌ସାର୍ ସମ୍ରାଟ୍ ହୋଇ ପାରିଲା ନାହିଁ । ତେଣୁ ବେଳେବେଳେ ଗୋଟିଏ ବ୍ୟକ୍ତିର କଥା ସମଗ୍ର ଜାତି ନିମନ୍ତେ କ୍ଷତିକାରକ ସିଦ୍ଧ ହୋଇଥାଏ ।" **(ଖୁତ୍‌ବାତେ ମହମୁଦ୍, ଭାଗ-17, ପୃ-728, ଖୁତ୍‌ବା ଜୁମା, ପ୍ରଦତ୍ତ 1936 ମସିହା, ଡିସେମ୍ବର ମାସ 4 ତାରିଖ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣାକୁ ନିଜର ଏକ ଖୁତ୍‌ବାରେ ବର୍ଣ୍ଣନା କରିଛନ୍ତି ଏବଂ ଉକ୍ତ ଘଟଣାକୁ ବର୍ଣ୍ଣନା କରି ଜମାଅତ୍‌କୁ ଉପଦେଶ ଦେଇ କହିଲେ, ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ଉକ୍ତ ଘଟଣାଟି ଆମମାନଙ୍କ ନିମନ୍ତେ ସେହିପରି ଗୁରୁତ୍ୱପୂର୍ଣ୍ଣ ଅଟେ ଯେପରି ସେତେବେଳେ ଥିଲା । ଆପଣ ର.ଅ କହିଲେ: "ସେହି ଲୋକମାନେ ଯେଉଁମାନେ ବଳିଦାନ ଏଇଥିପାଇଁ କରି ଥାଆନ୍ତି ଯେ, ସେମାନଙ୍କୁ ବଳିଦାନ କରିବା ଦ୍ୱାରା କୌଣସି ପଦ ପ୍ରାପ୍ତ ହେଉ କିମ୍ବା ଧନ ଇତ୍ୟାଦି ପ୍ରାପ୍ତ ହେଉ ତେବେ ସେମାନେ କଦାପି ମୋ ଡାକିବା ଦ୍ୱାରା ଅର୍ଥାତ୍ ଉପସ୍ଥିତ ଖଲିଫାଙ୍କ ଡାକିବା ଦ୍ୱାରା (ଡାକରେ) ବଳିଦାନ କରିବା ନିମନ୍ତେ ଆସନ୍ତୁ ନାହିଁ । ବରଂ ସେହି ଲୋକମାନେ ହିଁ ଆସନ୍ତୁ ଯେଉଁମାନେ ଈଶ୍ୱରଙ୍କ ସକାଶେ ତ୍ୟାଗ ଓ ବଳିଦାନ କରିବେ । କାରଣ ମୁଁ ତ' ନିଜେ ଜଣେ ଦୁର୍ବଳ ଓ ଅସୁସ୍ଥ ବ୍ୟକ୍ତି ଅଟେ । ମୁଁ କାହାର ଉପକାରକୁ ସହ୍ୟ କରି ପାରିବି ନାହିଁ କି ଶୁଝି ପାରିବି ନାହିଁ । ଅତଏବ୍ ମୁଁ ନିଜ ପାଇଁ ମାଗୁ ନାହିଁ । ବରଂ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପାଇଁ ତାହାଙ୍କ ଅନୁଗ୍ରହ ତଥା ପ୍ରସନ୍ନତା ସକାଶେ ଅର୍ଥ ଦାନ କରିଥାଏ ତେବେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ଅର୍ଥ ଦାନ କରୁ । ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଅବଶ୍ୟ ପ୍ରତିଫଳ ପ୍ରଦାନ କରିବେ । ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ୍ । ପ୍ରଭୁ ଯଦି ଚାହିଁବେ ତେବେ ସେ ପୁଣ୍ୟର ପ୍ରତିଫଳ ଏହି ସଂସାରରେ ହିଁ ବ୍ୟକ୍ତିକୁ ଦେଇଦେବେ । ଆଉ ଯଦି ବ୍ୟକ୍ତି ଏହା ଚାହୁଁଛି ଅଲ୍ଲାଃତାଲା ତାକୁ ପରକାଳରେ ପୁଣ୍ୟର ପ୍ରତିଫଳ ପ୍ରଦାନ କରନ୍ତୁ ତେବେ ସେ ପ୍ରଭୁଙ୍କ ଉପରେ ଦୃଢ଼ ବିଶ୍ୱାସ ରଖୁ । ସେ ଯାହା ହେଉ ଯେଉଁ ବ୍ୟକ୍ତି ପୂର୍ଣ୍ଣ ଆନ୍ତରୀକତା ତଥା ନିଷ୍ପାପରତା ଦ୍ୱାରା କୌଣସି ତ୍ୟାଗ ତଥା ବଳିଦାନ ଦେଇଥାଏ ତେବେ ସେହି ବ୍ୟକ୍ତିର ବଳିଦାନ ବୃଥା ହୋଇ ନଥାଏ । ଅଲ୍ଲାଃତାଲା କେବେ ବି ବିଶ୍ୱାସକାରୀର ବଳିଦାନକୁ କ୍ଷୟ ଏବଂ ନଷ୍ଟ ହେବାକୁ ଦେଇପାରିବେ ନାହିଁ । ଅତଏବ୍ ବଳିଦାନକାରୀମାନେ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ସଂସାରକୁ ନିଜ ଦୃଷ୍ଟି ସମ୍ମୁଖରେ ରଖନ୍ତି ନାହିଁ ବରଂ ଈଶ୍ୱରଙ୍କୁ ନିଜର ଦୃଷ୍ଟି ସମ୍ମୁଖରେ ରଖିଥାଆନ୍ତି ।" **(ଖୁତ୍‌ବାତେ ମହମୁଦ୍, ଭାଗ-17, ପୃ-728-729, ଖୁତ୍‌ବା ଜୁମା, ପ୍ରଦତ୍ତ 1936 ମସିହା, ଡିସେମ୍ବର ମାସ 4 ତାରିଖ)**

ଅତଏବ୍ ବଳିଦାନ ଏବଂ ପଦ ନିମନ୍ତେ ଈଶ୍ୱରଙ୍କ ପ୍ରସନ୍ନତାକୁ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ତେବେ ଯାଇ ସେମାନେ ଈଶ୍ୱରଙ୍କ ପ୍ରକୃତ ପୁରସ୍କାର ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବେ । ଏକ ବୟସ ପର୍ଯ୍ୟନ୍ତ ପହଞ୍ଚି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମଧ୍ୟରେ ଏହି ଧାରଣା ସୃଷ୍ଟି ହୋଇଯାଇଥାଏ ଯେ, ଆମମାନଙ୍କର ଏତେ ଅଭିଜ୍ଞତା ଓ ଅନୁଭବ ରହିଛି ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଏହା କୁହନ୍ତି ଯେ, ଆମେମାନେ ଏତେ କାମ କରିଛୁ, ଆମମାନଙ୍କୁ ଏହାର ପ୍ରତିଫଳ ମିଳିବା ଉଚିତ୍ । କିନ୍ତୁ ସେମାନଙ୍କୁ କୌଣସି ପ୍ରତିଫଳ ପ୍ରଦାନ କରାଯାଇ ନଥାଏ । ସେହି ଲୋକମାନେ ଥରେ ଟିକିଏ ଭାବନ୍ତୁ ଯେ, କେବଳ ସାଂସାରିକ ପ୍ରତିଫଳ ନେବା ଉଚିତ୍ ନା ଅଲ୍ଲାଃତାଲାଙ୍କ ପୁରସ୍କାରର ଅଧିକାରୀ ହେବା ଉଚିତ୍ ? ହୁଜୁର ଅନୱର୍ ଅ.ବ କହିଲେ, ଆଜି ଠାରୁ ମଜଲିସ୍ ଅନ୍‌ସାରୁଲ୍ଲାଃ ୟୁ.କେର ବାର୍ଷିକ ଇଜ୍‌ତିମା ଆରମ୍ଭ ହେଉଅଛି । କାରଣ ଏହି ବୟସରେ ଯେତେବେଳେ ଅନ୍‌ସାର୍‌ମାନଙ୍କୁ ଅଭିଜ୍ଞତା ପ୍ରାପ୍ତ ହୋଇ ଯାଇଥାଏ ସେତେବେଳେ ଏଥି ସଂକ୍ରାନ୍ତରେ ମନ ଭିତରେ ଏହି ଧାରଣା ଆସିଥାଏ । ତେଣୁ ଅନ୍‌ସାରମାନଙ୍କୁ ମଧ୍ୟ ମୁଁ ଏହା କହୁଛି ଯେ, ଯଦି କୌଣସି ବ୍ୟକ୍ତିର ହୃଦୟରେ ନିଜର ଅଭିଜ୍ଞତା କିମ୍ବା ସେବା ସଂକ୍ରାନ୍ତୀୟ କୌଣସି ଧାରଣା ସୃଷ୍ଟି ହୁଏ ତେବେ ସେହି ବ୍ୟକ୍ତି ଉକ୍ତ ଧାରଣାକୁ ପରିତ୍ୟାଗ କରିଦେଉ ଏବଂ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଉଦ୍ୟମ କରୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ ନିପଟ ମଫସଲ୍ ଏବଂ ଆଦିବାସୀମାନଙ୍କ ଅଧୈର୍ଯ୍ୟତାର ଚର୍ଚ୍ଚା ମଧ୍ୟ ମିଳେ । ମାଲେ ଗନିମତ୍ ବଣ୍ଟା ହେବା ସମୟରେ କେତେକ ଯାଯାବର ତଥା ଆଦିବାସୀ ଲୋକମାନେ ମଧ୍ୟ ଆପଣ ସ.ଅଙ୍କ ଆଖପାଖରେ ଏକତ୍ରିତ ହୋଇ ବସିଗଲେ ଏବଂ ଧନର ଦାବି କରିବାକୁ ଲାଗିଲେ। ସେମାନଙ୍କ ଭିଡ଼ ଯୋଗୁଁ ରସୁଲୁଲ୍ଲାଃ ସ.ଅଙ୍କ ପବିତ୍ର ଚଦର ମଧ୍ୟ ଏକ କଣ୍ଟାଳିଆ ବୃଦାରେ ଫସିଗଲା ଏବଂ ଯେତେବେଳେ ଠେଲାପେଲା ହେବାକୁ ଲାଗିଲା ସେତେବେଳେ ଆପଣ ସ.ଅ କହିଲେ, ହେ ଲୋକମାନେ ! ଆରେ ମୋ ଚଦର ମୋତେ ଫେରସ୍ତ କରିଦିଅ । ପୁନଶ୍ଚ ଆପଣ ସ.ଅ ସେହି କଣ୍ଟାଳିଆ ବୃକ୍ଷ ଆଡ଼କୁ ଇଙ୍ଗିତ କରି କହିଲେ, ମୋ ପାଖରେ ଯଦି ଏହି କଣ୍ଟା ତୁଲ୍ୟ ଓଟ ଥାଆନ୍ତା ତେବେ ତାହା ମଧ୍ୟ ମୁଁ ତୁମମମାନଙ୍କ ମଧ୍ୟରେ ବାଣ୍ଟି ଦେଇଥାଆନ୍ତି ଓ ତୁମେମାନେ ମୋତେ କୃପଣ, ମିଥ୍ୟାବାଦୀ ଏବଂ ଭୀରୁ ରୂପେ ପାଇ ନଥାଆନ୍ତ । ଆପଣ ସ.ଅ ସେହି ଯାଯାବର ତଥା ଆଦିବାସୀ ଲୋକମାନଙ୍କର ଏହି ଅସଭ୍ୟ ଆଚରଣ ଯୋଗୁଁ ସେମାନଙ୍କୁ ଭର୍ତ୍ସନା (ପାଟି) କଲେ ନାହିଁ କି ସେମାନଙ୍କ ଉପରେ ରୁଷ୍ଟ ହେଲେ ନାହିଁ। ବରଂ ଆପଣ ସ.ଅ ସ୍ମିତହାସ୍ୟ ପ୍ରକାଶ କରି ଅତ୍ୟନ୍ତ ଉତ୍ତମ ଢଙ୍ଗରେ ସେମାନଙ୍କର ସଂସ୍କାର କଲେ ଏବଂ ସେମାନଙ୍କୁ ଧନ ଦ୍ୱାରା ମଧ୍ୟ ପୁରସ୍କୃତ ଓ ସମ୍ମାନିତ ମଧ୍ୟ କଲେ। **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-299, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣା ଚର୍ଚ୍ଚା କରି କୁହନ୍ତି: "ଯୁଦ୍ଧ ସମାପ୍ତ ହେବା ପରେ ସେହି ଧନରତ୍ନ ଯାହା ପରାଜିତ ଶତ୍ରୁମାନଙ୍କର ଜୋରିମାନା ଏବଂ ଯୁଦ୍ଧଭୂମିରେ ଛାଡ଼ିଥିବା ବସ୍ତୁମାନଙ୍କ ଦ୍ୱାରା ଏକତ୍ରିତ ହୋଇଥିଲା ତାହା ପୂର୍ବବତ୍ ରସୁଲୁଲ୍ଲାଃ ସ.ଅଙ୍କୁ ଇସ୍‌ଲାମୀୟ ସୈନ୍ୟବାହିନୀ ମଧ୍ୟରେ ବାଣ୍ଟିବାର ଥିଲା । କିନ୍ତୁ ଇତ୍ୟବସରରେ ଆପଣ ସ.ଅ ସେହି ଧନରତ୍ନକୁ ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟିବା ପରିବର୍ତ୍ତେ ମକ୍କା ଏବଂ ତା'ର ଆଖାପାଖର ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେଲେ । ସେହି ଲୋକମାନଙ୍କ ମଧ୍ୟରେ ବର୍ତ୍ତମାନ ବିଶ୍ୱାସ ତ' ସୃଷ୍ଟି ହୋଇ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ନଥିଲା । ବରଂ ଅନେକ ଲୋକମାନେ ଏପର୍ଯ୍ୟନ୍ତ ଅବିଶ୍ୱାସକାରୀ ଥିଲେ । ସେହିପରି ଯେଉଁମାନେ ମୁସଲମାନ ଥିଲେ ସେମାନେ ନୂଆ ନୂଆ ମୁସଲମାନ ହୋଇଥିଲେ। ଏହା ସେମାନଙ୍କ ନିମନ୍ତେ ସଂପୂର୍ଣ୍ଣ ରୂପେ ନୂଆ କଥା ଥିଲା । ଅର୍ଥାତ୍ ଗୋଟିଏ ଜାତି ନିଜର ଧନକୁ ଅନ୍ୟ ଲୋକମାନଙ୍କ ମଧ୍ୟରେ ବାଣ୍ଟୁଛି । ଉକ୍ତ ଧନ ବାଣ୍ଟିବା ଦ୍ୱାରା ସେମାନଙ୍କ ମନରେ ପୁଣ୍ୟାବଳୀ ଏବଂ ଧର୍ମପରାୟଣତା ସୃଷ୍ଟି ହେବା ପରିବର୍ତ୍ତେ ଈର୍ଷା ଆହୁରି ବୃଦ୍ଧି ପାଇଲା । କେତେକ ଲୋକମାନେ ଆଁହଜରତ ସ.ଅଙ୍କ ଚାରି ପାଖରେ ଭିଡ଼ କରିଦେଲେ ଏବଂ ଆଁହଜରତ୍ ସ.ଅଙ୍କୁ ଅତିରିକ୍ତ ଦାନ ଦେବା ନିମନ୍ତେ ଦାବି କଲେ । ଏହି ଦାବି ସହିତ ସେମାନେ ଆପଣ ସ.ଅଙ୍କୁ ହଇରାଣ କରିବା ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତକି ସେହି ଯାଯାବର ତଥା ଆଦିବାସୀ ଲୋକମାନେ ଆପଣ ସ.ଅଙ୍କୁ ଠେଲି ଠେଲି ଏକ ବୃକ୍ଷ ପର୍ଯ୍ୟନ୍ତ ନେଇଗଲେ ଏବଂ ଜଣେ ବ୍ୟକ୍ତି ତ' ଆପଣ ସ.ଅ କାନ୍ଧ ଉପରେ ଯେଉଁ ଚଦର ପରିଧାନ କରିଥିଲେ ତାହାକୁ ଧରି ଏତେ ଜୋରରେ ଭିଡ଼ିଲା ଯେ, ଆପଣ ସ.ଅଙ୍କର ନିଃଶ୍ୱାସ ବନ୍ଦ ହେବାକୁ ଲାଗିଲା ଏବଂ ଆପଣ ସ.ଅଙ୍କୁ ଶ୍ୱାସ ନେବାରେ କଷ୍ଟ ଅନୁଭୂତ ହେବାକୁ ଲାଗିଲା । ଆପଣ ସ.ଅ କହିଲେ, ହେ ଲୋକମାନେ ! ମୋ ପାଖରେ ଯଦି କିଛି ଥାଆନ୍ତା ତେବେ ମୁଁ ତାହା ମଧ୍ୟ ତୁମମାନଙ୍କୁ ଦେଇ ଦେଇଥାଆନ୍ତି । ତୁମେମାନେ ମୋତେ କେବେ ବି କୃପଣ କିମ୍ବା କାପୁରୁଷ ତଥା ଭୀରୁ ବୋଲି ପାଇବ ନାହିଁ । ଏହାପରେ ଆପଣ ସ.ଅ ନିଜର ଓଟ ପାଖକୁ ଗଲେ ଏବଂ ତାହାର ଏକ କେଶ ଛିଡ଼ାଇ ଆଣିଲେ ଓ ସେହି କେଶକୁ ଆପଣ ସ.ଅ ଉପରକୁ ଟେକି ଲୋକମାନଙ୍କୁ ଦେଖାଇ କହିଲେ, ହେ ଲୋକମାନେ! ମୋତେ ତୁମମାନଙ୍କ ଧନରୁ ଏହି କେଶ ତୁଲ୍ୟ କୌଣସି ଜିନିଷର ଆବଶ୍ୟକତା ନାହିଁ । କିନ୍ତୁ ଆରବୀୟମାନଙ୍କର ଆଇନ ଅନୁଯାୟୀ ପଞ୍ଚମାଂଶ ସରକାରଙ୍କର ଅଟେ ତାହା ମଧ୍ୟ ମୋତେ ଦରକାର ନାହିଁ ଏବଂ ମୁଁ ସେହି ଧନକୁ ମଧ୍ୟ ନିଜ ସ୍ୱାର୍ଥ ପାଇଁ ନିଜ ଉପରେ ଖର୍ଚ୍ଚ କରିବି ନାହିଁ । ବରଂ ତାହା ମଧ୍ୟ ତୁମମାନଙ୍କ କାମରେ ବ୍ୟୟ ହୋଇଥାଏ । ମନେରଖ ! ଯେଉଁ ବ୍ୟକ୍ତି ବିଶ୍ୱାସଘାତକତା କରେ ଅର୍ଥାତ୍ ପରର କୌଣସି ଧନକୁ ଅନୈତିକ ତଥା ଅସତ୍ ଉପାୟରେ ହଡ଼ପ କରିନିଏ ତେବେ ସେହି ବ୍ୟକ୍ତି ପ୍ରଳୟ ଦିବସ ଦିନ ସେହି ହଡ଼ପ କରିଥିବା ବସ୍ତୁ ଯୋଗୁଁ ତିରସ୍କୃତ ହେବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଲୋକମାନେ ଆଁହଜରତ ସ.ଅଙ୍କ ସଂପର୍କରେ ଏହା କୁହନ୍ତି ଯେ, ଆଁହଜରତ ସ.ଅ ସମ୍ରାଟତ୍ୱର ଅଭିଳାଷୀ ଥିଲେ । ତେବେ ଜଣେ ସମ୍ରାଟ୍ ଏବେ ଜନତାଙ୍କ ଏହିପରି ସଂପର୍କ ଥାଏ କି ? କ'ଣ କୌଣସି ବ୍ୟକ୍ତି ମଧ୍ୟରେ ଏହି ସାମର୍ଥ୍ୟତା ତଥା ଶକ୍ତି ରହିଛି କି ସେ ସମ୍ରାଟକୁ ଠେଲି ଅନ୍ୟ ପାର୍ଶ୍ୱକୁ ନେଇଯିବ ଓ ତା' ବେକରେ ଚଦର ଗାମଛା ପକାଇ ଜୋରରେ ଭିଡ଼ିବ (ଭିଡ଼ି ଦେବ) ଯେ, ସେହି ସମ୍ରାଟ୍‌ର ଶ୍ୱାସ ରୁଦ୍ଧ ହୋଇଯିବ ? କଦାପି ନୁହଁ । ବରଂ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ବ୍ୟତୀତ ଏହି ଉଦାହରଣ ଅନ୍ୟ କିଏ ବା ପ୍ରଦର୍ଶନ କରି ପାରିବ ? କିନ୍ତୁ ଏସବୁ ସତ୍ତ୍ୱେ ଆଁହଜରତ ସ.ଅ ସେହି ଅଭାବି ତଥା ଦରିଦ୍ର ଲୋକମାନଙ୍କ ମଧ୍ୟରେ ସମସ୍ତ ଧନକୁ ବାଣ୍ଟିଦେଲେ । ପୁନଶ୍ଚ ସେହି ଲୋକମାନଙ୍କ ମଧ୍ୟରେ ଏପରି ପଥର ହୃଦୟ ବ୍ୟକ୍ତିମାନେ ମଧ୍ୟ ରହିଥିଲେ ଯେଉଁମାନେ ରସୁଲୁଲ୍ଲାଃ ସ.ଅଙ୍କ ବଣ୍ଟନ ଶୈଳୀକୁ ନ୍ୟାୟିକ ଦୃଷ୍ଟିରୁ ସଠିକ୍ ବୋଲି ମନେକରୁ ନଥିଲେ ।"

**(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-357-358)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ମାଲେ ଗନିମତ୍ ବାଣ୍ଟିବା ସଂପର୍କରେ ପ୍ରାୟତଃ ଏହି ନିୟମ ରହିଥିଲା ଯେ, ମାଲେ ଗନିମତ୍ ମଧ୍ୟରୁ ଆପଣ ସ.ଅ ପଞ୍ଚମାଂଶ ଭାଗ ପୃଥକ କରି ନେଉଥିଲେ ଏବଂ ନିଜ ଇଚ୍ଛା ଅନୁସାରେ ସେହି ଧନକୁ ଆପଣ ସ.ଅ ବ୍ୟୟ କରୁଥିଲେ ଏବଂ ଅନ୍ୟ ସମସ୍ତ ଧନକୁ ଆପଣ ସ.ଅ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ସେହି ଲୋକମାନଙ୍କ ମଧ୍ୟରେ ପଦାତିକ ଓ ଅଶ୍ୱାରୋହୀମାନେ ମଧ୍ୟ ରହୁଥିଲେ । ଅତଏବ୍ ଆପଣ ସ.ଅ ସେହି ଧନକୁ ପଦାତିକ ଏବଂ ଅଶ୍ୱାରୋହୀମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । କିନ୍ତୁ ହୁନୈନ୍ ଯୁଦ୍ଧରେ ମାଲେ ଗନିମତ୍ ବାଣ୍ଟିବା ସଂପର୍କରେ ଯେତେବେଳେ କେତେକ ଅନସାରମାନଙ୍କ ପକ୍ଷରୁ ଏହା ପ୍ରଶ୍ନ ତଥା ଆପତ୍ତି କରାଗଲା କି ନବୀ କରୀମ୍ ସ.ଅ ଆମମାନଙ୍କୁ କିଛି ଦେଲେ ନାହିଁ ଓ ଅନ୍ୟମାନଙ୍କୁ ଦେଲେ । ତେବେ ଏଠାରେ ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ଆଁହଜରତ ସ.ଅ ଯୁଦ୍ଧରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ମାଲେ ଗନିମତ୍ ମଧ୍ୟରୁ କିଛି ବି ଦେଇ ନଥିଲେ ଅବା କେବଳ ସେମାନଙ୍କର ଭାଗ ପ୍ରଦାନ କରିଥିଲେ ଓ ଧନକୁ ଅନ୍ୟମାନଙ୍କୁ ମଧ୍ୟରେ ବାଣ୍ଟି ଦେଇଥିଲେ । ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଆମମାନଙ୍କର ଯେଉଁ, ତଦନ୍ତକାରୀ ଦଳ ରହିଛି ସେ ଏହା କୁହେ ଯେ, ଆମେମାନେ ଜୀବନୀର ଯେଉଁ ପ୍ରାରମ୍ଭିକ ବିଶ୍ୱାସଯୋଗ୍ୟ ପୁସ୍ତକ ରହିଛି ତାହାକୁ ଦେଖିଅଛୁ ଯେ, କୌଣସି ପୁସ୍ତକରେ ଉକ୍ତ ପ୍ରଶ୍ନର ବିସ୍ତୃତ ଭାବରେ ଉତ୍ତର ପ୍ରଦାନ କରାଯାଇ ନାହିଁ । କିନ୍ତୁ ସେମାନଙ୍କ ମତରେ ଇତିହାସ ଏବଂ ଜୀବନୀ ପୁସ୍ତକମାନଙ୍କର ଅଧ୍ୟୟନ କରିବା ଦ୍ୱାରା ଏହା ଜ୍ଞାତ ହୁଏ ଯେ, ଆଁହଜରତ ସ.ଅ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଭାଗ ପ୍ରଦାନ କରିଥିଲେ । ଅର୍ଥାତ୍ ପ୍ରତ୍ୟେକ ଅଂଶଗ୍ରହଣକାରୀକୁ ଗୋଟିଏ ଓଟ ଅବା 40ଟି ଲେଖାଏଁ ଛେଳୀ ଆକାରରେ ପ୍ରଦାନ କରିଥିଲେ । ସେହିପିର ଆପଣ ସ.ଅ ଅଶ୍ୱାରୋହୀମାନଙ୍କୁ ମଧ୍ୟ ସେମାନଙ୍କର ଭାଗ୍ ପ୍ରଦାନ କରିଥିଲେ । ଏହା ମଧ୍ୟ ଇଙ୍ଗିତ ମିଳେ ଯେ, ଆପଣ ସ.ଅ ପଞ୍ଚମାଂଶ ପୃଷ୍ଠ ପୋଷକ ନିମନ୍ତେ ଲୋକମାନଙ୍କୁ ଧନ ପ୍ରଦାନ କରିଥିଲେ । କିନ୍ତୁ ଏହି ସମ୍ଭାବନା ମଧ୍ୟ ରହିଛି ଯେ, ଆପଣ ସ.ଅ ମାଲେ ଗନିମତ୍ ମଧ୍ୟରୁ କାହାରିକୁ କିଛି ବି ପ୍ରଦାନ କରଥାଇ ନପାରନ୍ତି । ଅର୍ଥାତ୍ ସାଧାରଣ ପରିସ୍ଥିତି ଅନୁଯାୟୀ ଏହି ଧନକୁ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ବାଣ୍ଟି ନଥିବେ ଓ ସମସ୍ତ ଧନକୁ ପୃଷ୍ଠପୋଷକ ରୂପେ ବାଣ୍ଟି ଦେଇଥିବେ । ଉକ୍ତ କଥାର ସମର୍ଥନ ଏବଂ ପୁଷ୍ଟି ନାନା ଇତିହାସ ଓ ଜୀବନୀ ପୁସ୍ତକରୁ ହୋଇଯାଇଥାଏ ।

ହୁଜୁର ଅନୱର୍ ଅ.ବ କହିଲେ, ହ. ମୁସଲେହ୍ ମଉଦ୍ ର.ଅଙ୍କ ଏକ ଆଲେଖ୍ୟରୁ ମଧ୍ୟ ଏହି ପ୍ରତିକ୍ରିୟା ମିଳେ । ଯେପରିକି ଉପରୋକ୍ତରେ ଯେଉଁ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଅତଏବ୍ ଆପଣ ର.ଅ କୁହନ୍ତି "ସେହି ଯୁଦ୍ଧମାନଙ୍କ ମଧ୍ୟରୁ ଅବସର ନେବା ପରେ ଅର୍ଥାତ୍ ଯୁଦ୍ଧ ସମାପ୍ତ ହେବା ପରେ ଯେଉଁ ଧନ ଶତ୍ରୁ ପକ୍ଷ ପରାଜିତ ହୋଇ ଯୁଦ୍ଧ ଭୂମିରେ ଛାଡ଼ି ପଳାଇଥିଲା ତାହା ଜିନିଷ ଆକାରରେ ଏକତ୍ରିତ କରାଯାଇଥିଲା । ଅର୍ଥାତ୍ ପ୍ରଥାନୁଯାୟୀ ରସୁଲୁଲ୍ଲାଃ ସ.ଅଙ୍କୁ ସେହି ଜିନିଷ ସବୁ ଇସ୍‌ଲାମୀୟ ସୈନ୍ୟବାହିନୀ ମଧ୍ୟରେ ବାଣ୍ଟିବାର ଥିଲା । କିନ୍ତୁ ଇତ୍ୟବସରରେ ଆପଣ ସ.ଅ ସେହି ଧନକୁ ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟିବା ପରିବର୍ତ୍ତେ ମକ୍କା ଏବଂ ଅନ୍ୟାନ୍ୟ ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେଲେ ।"

ହଦିସ୍‌ମାନଙ୍କରେ ଏକ ବର୍ଣ୍ଣନା ମିଳେ ଯେ, ମାଲେ ଗନିମତ୍ ବାଣ୍ଟିବା ସମୟରେ ଜଣେ ଯାଯାବର ତଥା ଆଦିବାସୀ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏହଂ କହିବାକୁ ଲାଗିଲା ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ମୋ ସହିତ ଯେଉଁ ଅଙ୍ଗୀକାର କରିଥିଲେ ତାହା ଆପଣ ପୂର୍ଣ୍ଣ କରନ୍ତୁ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ବ୍ୟକ୍ତି ତୁମେ ଖୁସି ହୋଇଯାଅ । ସେହି ବ୍ୟକ୍ତି ଜଣକ କହିବାକୁ ଲାଗିଲା ଯେ, ହେ ମୁହମ୍ମଦ ସ.ଅ ! ଆପଣ ସ.ଅ ଉକ୍ତ କଥାକୁ ଅନେକ ଥର ପୁନାରାବୃତ୍ତି କଲେଣି । କିନ୍ତୁ ଆପଣ ଏଯାଏଁ କିଛି ଦେଇ ନାହାନ୍ତି । ଆପଣ ସ.ଅ ଖାଲି କହୁଛନ୍ତି ଆନନ୍ଦିତ ହୋଇଯାଅ । ଆଁହଜରତ ସ.ଅଙ୍କୁ ସେହି ବ୍ୟକ୍ତିର ଉକ୍ତ ପ୍ରତିକ୍ରିୟା (କଥା) ଅଶୋଭନୀୟ ଓ ଅପ୍ରୀତିକର ବୋଲି ମନେହେଲା । ତେଣୁ ଆପଣ ସ.ଅ ସେହି ବ୍ୟକ୍ତି ଆଡୁ ନିଜର ପବିତ୍ର ମୁଖମଣ୍ଡଳ ବୁଲାଇ ନେଲେ ଏବଂ ସେଠାରେ ଅବୁ ମୁସା ଅଶ୍‌ଅରୀ ଓ ହ. ବିଲାଲ୍ ର.ଅ ଛିଡ଼ା ହୋଇଥିଲେ, ସେମାନଙ୍କ ଆଡ଼କୁ ନିଜର ମୁଖ କରି କହିଲେ, ହେ ଅବୁ ମୁସା ଓ ବିଲାଲ୍ ! ଏହି ବ୍ୟକ୍ତି ଜଣକ ତ' ଶୁଭ ସୂଚନା ସ୍ୱୀକାର କରିବାକୁ ପ୍ରତ୍ୟାଖ୍ୟାନ କରିଦେଲା । ବର୍ତ୍ତମାନ ତୁମେ ଦୁହେଁ ଶୁଭ ସୂଚନା ସ୍ୱୀକାର କରିନିଅ । ଦୁହେଁ ଅର୍ଥାତ୍ ହ. ଅବୁ ମୁସା ଅଶ୍‌ଅରୀ ଓ ହ. ବିଲାଲ୍ ର.ଅ ଯେତେବେଳେ ଉକ୍ତ କଥା ଶୁଣିଲେ ସେତେବେଳେ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଶୁଭ ସୂଚନାକୁ ସ୍ୱୀକାର କରୁଛୁ । ଏତଦ୍‌ପରେ ଆପଣ ସ.ଅ ଜଳର ଏକ ପାତ୍ର ମଗେଇଲେ ଏବଂ ତହିଁରେ ନିଜର ମୁଖ (ମୁହଁ) ଓ ହସ୍ତ (ହାତ) ଧୋଇଲେ । ପୁନଶ୍ଚ ଆପଣ ସ.ଅ ସେହି ବଳକା ଜଳକୁ ହ. ଅବୁ ମୁସା ଅଶ୍‌ଅରୀ ର.ଅ ଏବଂ ହ. ବିଲାଲ୍ ର.ଅଙ୍କୁ ପ୍ରଦାନ କରି କହିଲେ, ହେ ଅବୁ ମୁସା ଓ ବିଲାଲ୍ ! ତୁମେ ଦୁହେଁ ଏହି ଜଳକୁ ପାନ କରିନିଅ ଏବଂ ନିଜର ମୁଖ ଏବଂ ନିଜର ଛାତିରେ ମଧ୍ୟ ଉକ୍ତ ଜଳକୁ ପକାଇନିଅ ଓ ଆନନ୍ଦିତ ହୋଇଯାଅ । ସୁତରାଂ ସେମାନେ ଉକ୍ତ ଜଳକୁ ପାନ କରିନେଲେ ଏବଂ ଏହିପରି ହିଁ କଲେ ଯେପରି ଆଁହଜରତ ସ.ଅ ସେମାନଙ୍କୁ କରିବାକୁ କହିଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏଠାରେ ଆଁହଜରତ ସ.ଅଙ୍କ ପବିତ୍ର ପତ୍ନିଙ୍କ ନିଷ୍ଠା ଓ ଆଁହଜରତ ସ.ଅଙ୍କ ଅସ୍ତିତ୍ୱରୁ କଲ୍ୟାଣ ପ୍ରାପ୍ତିର ଯେଉଁ ତୃଷ୍ଣା ରହିଥିଲା ତାହାର ଏକ ବିଚିତ୍ର ଏବଂ ଗର୍ବଯୋଗ୍ୟ ଦୃଶ୍ୟ ମଧ୍ୟ ଦୃଶ୍ୟମାନ ହୁଏ (ଦେଖିବାକୁ ମିଳେ) । ଅତଏବ୍ ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଶିବିର ନିକଟରେ ଉମ୍ମୁଲ୍ ମୁମିନିନ୍ ହ. ଉମ୍ମେ ସଲମା ର.ଅ ମଧ୍ୟ ଥିଲେ । ଏହା ପ୍ରତିତ ହେଉଛି ଯେ, ଏହି ସମସ୍ତ ଘଟଣା ହ. ଉମ୍ମେ ସଲ୍‌ମା ର.ଅଙ୍କ ଶିବିର ନିକଟରେ ଘଟିଥିଲା । ପରଦା ପଛରେ ଥିବା ବିଶ୍ୱାସକାରୀଙ୍କ ମାତା ଅର୍ଥାତ୍ ଉମ୍ମୁଲ୍ ମୁମିନିନ୍ ହ. ଉମ୍ମେ ସଲ୍‌ମା ହ. ଅବୁ ମୁସା ଏବଂ ହ. ବିଲାଲ୍ ର.ଅଙ୍କୁ କହିଲେ, ହେ ଅବୁ ମୁସା ଓ ହେ ବିଲାଲ୍ ! ତୁମେମାନେ ନିଜ ମାତାଙ୍କ ପାଇଁ ମଧ୍ୟ ଟିକେ ଜଳ ରଖିବ । ସୁତରାଂ ହ. ଅବୁ ମୁସା ଏବଂ ହ. ବିଲାଲ୍ ର.ଅ ହ. ଉମ୍ମେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସଲ୍ମା ର.ଅଙ୍କ ସକାଶେ ମଧ କିଛି ଜଳ ପାତ୍ରରେ ଛାଡ଼ିଦେଲେ। **(ସହିହୁଲ୍ ବୁିଖାରୀ, କିତାବୁଲ୍ ମୁିଗାଜି, ବାବ୍-ଗଜ୍ୱତୁତ୍ ତାଇଫି.......ହଦିସ୍ ନଂ-4328)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-୨, ପୃ-300, ବଜ୍ମେ ଇକ୍ବାଲ୍ ଲାହୋର୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ସେ ଛେଳୀମାନଙ୍କର ଏକ ବିଶାଳ ପଲମାନଙ୍କୁ ଦେଖିଲା । ସେହି ଛେଳୀପଲମାନେ ପର୍ବତର ମଧ ଭାଗରେ ଏକ ଉପତ୍ୟକା ମଧରେ ଥିଲେ। ସେହି ବ୍ୟକ୍ତି ଜଣକ ଆପଣ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଏହି ଛେଳୀପଲ ଦେଇ ଦିଅନ୍ତୁ । ଆପଣ ସ.ଅ ବିନା କୌଣସି ଦ୍ୱନ୍ଦ୍ୱରେ ସେହି ବ୍ୟକ୍ତିକୁ ଉକ୍ତ ଛେଳୀପଲ ଦେଇଦେଲେ । ସେହି ବ୍ୟକ୍ତି ଜଣକ ଛେଳୀପଲକୁ ଧରି ନିଜର ଜାତି ପାଖକୁ ଗଲା ଏବଂ ସେମାନଙ୍କୁ କହିବାକୁ ଲାଗିଲା ଯେ, ହେ ଲୋକମାନେ! ତୁମେମାନେ ମୁହମ୍ମଦ୍ ସ.ଅଙ୍କ ଉପରେ ବିଶ୍ୱାସ ନେଇଆସ । ମୁହମ୍ମଦ୍ ସ.ଅ ଏତେ ଦେଉଛନ୍ତି ସେତେ ଦେଉଛନ୍ତି ଯେ, ତାଙ୍କୁ (ଆଁହଜରତ ସ.ଅଙ୍କୁ) ଦାରିଦ୍ର୍ୟତା ଓ ନିର୍ଦ୍ଧନ୍ୟତାର କୌଣସି ଭୟ ନାହିଁ । ଜୀବନୀ ଲେଖାଳୀମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଘଟଣା ମଧ ସେହି ସମୟର ଘଟଣା ଅଟେ । ଉକ୍ତ ବର୍ଣ୍ଣନାଟି ହେଉଛି ହଦିସ୍ର ଏକ ବର୍ଣ୍ଣନା । ସେ ଯାହା ହେଉ ଆହୁରି ଅନେକ ଘଟଣାବଳୀ ମଧ ରହିଛି ଯାହାକୁ ମୁଁ **ଇନ୍ଶାଅଲ୍ଲାଃ** ଆସନ୍ତା ଖୁତ୍ବାମାନଙ୍କରେ ବର୍ଣ୍ଣନା କରିବି । **(ସହି ମୁସଲିମ୍, କିତାବୁଲ୍ ଫଜାଇଲି, ବାବ୍-ସଖାଅହୁ ସ.ଅ, ହଦିସ୍ ନଂ-2312) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-୨, ପୃ-300, ବଜ୍ମେ ଇକ୍ବାଲ୍ ଲାହୋର୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ମୃତ ବ୍ୟକ୍ତିମାନଙ୍କ ଉତ୍ତମ ଚର୍ଚ୍ଚା କରିବାକୁ ଚାହୁଁଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ଜୁମା ନମାଜ ପରେ ମୁଁ ଏହି ମୃତକମାନଙ୍କର ନମାଜ ଯନାଜାଃ ମଧ ପାଠ କରାଇବି । ପ୍ରଥମ ଚର୍ଚ୍ଚା ହେଉଛି ଶୀଯୁକ୍ତ ଫହିମୁଦ୍ଦୀନ୍ ନାସିର୍ ସାହେବଙ୍କର । ଆପଣ ରୋମାନିୟାରେ ମୁବଲ୍ଲିଗ୍ ସିଲସିଲା ଥିଲେ। ବିଗତ ଦିନ 52 ବର୍ଷ ବୟସରେ ଆପଣଙ୍କର ବିୟୋଗ ହଇଯାଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବ ମୁସି (ଓସିୟତ୍କାରୀ) ଥିଲେ । ତାଙ୍କ ବଂଶରେ ଅହମଦିୟତ୍ ତାଙ୍କର ପଣଦଦା ହ. ମିର୍ଜା ଅଲମ୍ ଦିନ୍ ସାହେବଙ୍କ ମାଧମରେ ପ୍ରବିଷ୍ଟ ହୋଇଥିଲା । ସେହି ପଣଦଦାଙ୍କୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । କାଦିୟାନ୍ ନିକଟବର୍ତ୍ତୀ ଲୋଧି ନଙ୍ଗଲ୍ ନାମକ ଏକ ଗ୍ରାମ ଥିଲା ସେହି ଲୋଧି ନଙ୍ଗଲ ଗ୍ରାମର ଇମାମ୍ ମସ୍ଜିଦ୍ ନୁର୍ ମୁହମ୍ମଦ୍ ସାହେବ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ କରି ଆସିଥିଲେ । ସେ ଗାଁକୁ ଫେରି ଆସିବା ପରେ ଘୋଷଣା କଲେ ଯେ, ଇମାମ୍ ମେହ୍ଦୀ ଆସି ଯାଇଛନ୍ତି ଏବଂ ସେ ସତ୍ୟବାଦୀ ଅଟନ୍ତି। ତେଣୁ ହେ ଲୋକମାନେ ! ତୁମେମାନେ ତାଙ୍କୁ ସ୍ୱୀକାର କରିନିଅ । ଏତଦ୍ପରେ ପତ୍ର ମାଧମରେ ବୈଅତ୍କାରୀମାନଙ୍କ ମଧରେ ମିର୍ଜା ଅଲମ୍ ଦିନ୍ ମଧ ଥିଲେ । ଫହିମୁଦ୍ଦୀନ ନାସିର୍ ସାହେବ ଜୁନ୍ ମାସ 1996 ମସିହାରେ ଯାମିୟା ଅହମଦିୟାରୁ ଉତ୍ତୀର୍ଣ୍ଣ ହୋଇଥିଲେ। ପୁନଶ୍ଚ ପାକିସ୍ତାନରେ ବିଭିନ୍ନ ସ୍ଥାନରେ ଆପଣଙ୍କୁ ପ୍ରେରଣ କରାଯାଇଥିଲା ଯେଉଁଠି ଆପଣ ଜମାଅତ୍ର ସେବା କରିଥିଲେ । ପୁନଶ୍ଚ ଆପଣ ତଫ୍ସିରେ କୁର୍ଆନ୍ରେ ସ୍ନାତକୋତ୍ତୋର ମଧ ପ୍ରାପ୍ତ କରିଥିଲେ । 2006 ମସିହାରେ ତାଙ୍କୁ ରୋମାନିୟା ପ୍ରେରଣ କରିଦିଆ ଯାଇଥିଲା ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସ୍ୱର୍ଗତ ସେହିଠାରେ ହିଁ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ ।

ହୁଜୁର ଅନ୍ୱର୍ ଅ.ବ ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବଙ୍କ ପତ୍ନି ନସିରା ଫହିମ୍ ସାହେବା ଉଲ୍ଲେଖ କରନ୍ତି ଯେ, ମୋ ସ୍ୱାମୀ ଜଣେ ଆଦର୍ଶ ସ୍ୱାମୀ ଥିଲେ, ମୋ ସ୍ୱାମୀ ମୋର ଭାବାବେଗକୁ କିଛି ନକହି ମଧ ଜାଣି ନେଉଥିଲେ, ମୋ ସ୍ୱାମୀ ଜଣେ ଆଦର୍ଶ ପିତା ମଧ ଥିଲେ । ଜୀବନର ଅନନ୍ୟ ପକ୍ଷରେ ତାଙ୍କର ଈଶ୍ୱରଙ୍କ ସହିତ ଦୃଢ ସଂପର୍କ, ଦୃଢ ବିଶ୍ୱାସ, ଉପାସନା, ଦୁଆ, ଧୈର୍ଯ୍ୟ, ସାହସ, ତତ୍ତ୍ୱ, ସହିଷ୍ଣୁତା ଭାବ, ଧର୍ମ ସେବା କରିବା ପ୍ରତି ଅଭିରୁଚି ଏବଂ ଆଗ୍ରହ ଓ ଉତ୍ସାହ, ନିଜର ଦାୟିତ୍ୱକୁ ସମ୍ପାଦନ କରିବାର ଭାବାବେଗ, ଦାୟିତ୍ୱ ସମ୍ପାଦନ କରିବା ପ୍ରତି ସଚେତନତା ଏବଂ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ କାର୍ଯ୍ୟକୁକୁ ସଂପୂର୍ଣ୍ଣ କରିବା ଇତ୍ୟାଦି ଗୁଣାବଳୀ ଅନ୍ତର୍ଭୁକ୍ତ ଥିଲା। ମୋ ସ୍ୱାମୀଙ୍କ ଖିଲାଫତ୍ ସହିତ ଦୃଢ ସଂପର୍କ ଥିଲା । ପ୍ରତ୍ୟେକ ପ୍ରକାରର ବ୍ୟକ୍ତିଗତ ଏବଂ ଜମଅତୀୟ କାର୍ଯ୍ୟ ପୂର୍ବରୁ ଉପସ୍ଥିତ ଖଲିଫାଙ୍କ ସେବାରେ ପତ୍ର ଲେଖୁଥିଲେ ଏବଂ ମାର୍ଗଦର୍ଶନ ଲୋଡୁଥିଲେ । ସେହିପରି ମୋ ସ୍ୱାମୀ ଜମାଅତ୍ର ସଦସ୍ୟବୃନ୍ଦ ଏବଂ ନିଜର ସନ୍ତାନମାନଙ୍କର ସର୍ବଦା ନିଜ ବ୍ୟବହାରିକ ଉଦାହରଣ ଦ୍ୱାରା ସଂସ୍କାର କରିଥିଲେ । ତାଙ୍କର ବୁଝାଇବା ଶୈଳୀ ଅତି ସୁନ୍ଦର ଥିଲା । ସେ ଯଥା ସମୟରେ ନମାଜ୍ ପାଠ, ନମାଜ ତହଜ୍ଜୁଦ୍, ନୱାଫିଲ୍ ପାଠ କରିବା ଆପଣଙ୍କର ଅଭ୍ୟାସ ଥିଲା। ରୋଗର ଭୀଷଣତାରେ ମଧ ସେ ନମାଜ ପାଠ କରିବା ପ୍ରତି ବେଶ୍ ଧ୍ୟାନ ଦେଉଥିଲେ ଏବଂ ଶେଷ ଦିନମାନଙ୍କରେ ତାଙ୍କୁ କର୍କଟ ରୋଗ ହୋଇ ଯାଇଥିଲା । ଯେତେବେଳେ ରୋଗ ବୃଦ୍ଧି ପାଇଲା ଏବଂ କଥା କହିବା ତାଙ୍କ ପକ୍ଷେ କଷ୍ଟକର ହେଲା ସେତେବେଳେ ସେ ଇଙ୍ଗିତ କରି କହିଲେ, କଲମ ଓ ଖାତା ଆଣ । ସେ ଲେଖିଲେ ଯେ, ଈଶ୍ୱରଙ୍କ ଉପାସନା କରିବ ଏବଂ ଈଶ୍ୱରଙ୍କ ନିକଟରେ ସର୍ବଦା ଦୁଆ କରିବ । ପ୍ରତ୍ୟେକ କଷ୍ଟ ସମୟରେ ଦୁଆ ତାହାଙ୍କ (ଅଲ୍ଲାଃତାଲାଙ୍କ) ଆସ୍ଥାନରେ ହିଁ ଆନତ ହେବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବ ନିଜର ପତ୍ନି ଓ ସନ୍ତାନକୁ ଉପଦେଶ ଦେଇ କହିଲେ, ଯାହା ବି ହୋଇଯାଉ ତୁମେମମାନେ କିନ୍ତୁ ଅଲ୍ଲାଃତାଲାଙ୍କ ଆସ୍ଥାନକୁ ଛାଡ଼ିବ ନାହିଁ । ନିଜର ପତ୍ନି ଏବଂ ସନ୍ତାନମାନଙ୍କୁ ସର୍ବଦା ଏହା ଅନୁପ୍ରାଣିତ କଲେ ଯେ, ଯାହା ବି ମାଗିବ କେବଳ ଅଲ୍ଲାଃତାଲାଙ୍କୁ ହିଁ ମାଗିବ, ଈଶ୍ୱରଙ୍କ ସହିତ ଜୀବନ୍ତ ସଂପର୍କ ସ୍ଥାପନ କର । ଈଶ୍ୱରଙ୍କ ସହିତ ବନ୍ଧୁତ୍ୱତା ସ୍ଥାପନ କଲେ ସେ ବିପଦରେ କେବେ ବି ତୁମକୁ ଏକୁଟିଆ ଛାଡ଼ିବେ ନାହିଁ । ତବ୍ଲିଗ୍ ଏବଂ ଜମାଅତ୍ର ସେବା କରିବାର ଅବସରକୁ କେବେ ବି ହାତଛଡ଼ା କରୁ ନଥିଲେ । ନିଜ ସହିତ ଜମାଅତୀୟ ପରିଚୟ ସମ୍ବଳିତ ଲିଟ୍ରେଚର ଓ ଫ୍ଲାୟର୍ଜ ମଧ ରଖୁଥିଲେ । ଯେତେବେଳେ ଆପଣ ହସ୍ପିଟାଲ୍କୁ ଯାଉଥିଲେ ସେତେବେଳେ ସେମାନଙ୍କୁ ମଧ ମଧ ତବ୍ଲିଗ୍ କରୁଥିଲେ ଏବଂ ଉକ୍ତ କଥାର ସେ କୃତଜ୍ଞତା ମଧ ଜ୍ଞାପନ କରୁଥିଲେ ଯେ, ଯାହା ହେଉ ମୁଁ ଡାକ୍ତରମାନଙ୍କୁ ମଧ ତବ୍ଲିଗ୍ କରି ଆସିଛି । ତାଙ୍କର ମୁଖରେ ସର୍ବଦା ସ୍ମିତହାସ୍ୟତା ବିଦ୍ୟମାନ ରହୁଥିଲା । ଅତ୍ୟନ୍ତ ମେଳାପୀ ପ୍ରିୟ ବ୍ୟକ୍ତି ଥିଲେ । ତାଙ୍କର ସରଳ ସ୍ୱଭାବ ଯୋଗୁଁ ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଭଲ ପାଉଥିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ମୃତ୍ୟୁର ଖବର ଶୁଣି ତାଙ୍କର ରୋମାନୀୟ ପଡ଼ୋଶୀମାନେ କାନ୍ଦି କାନ୍ଦି ନିଜର ଭାବାବେଗକୁ ବ୍ୟକ୍ତି କଲେ ଏବଂ ଗଭୀର ଦୁଃଖ ଏବଂ ଶୋକ ପ୍ରକାଶ କଲେ । ସେମାନେ କହିଲେ, ଯେ, ସ୍ୱର୍ଗତଙ୍କ ବିୟୋଗ ଯୋଗୁଁ ଆମେମାନେ ମର୍ମାହତ ଓ ମ୍ରିୟମାଣ ହୋଇ ପଡ଼ିଛୁ । ରୋଗ ଥିବା ଦିନମାନଙ୍କର ମଧ ସେ ନିଜର ଦାୟିତ୍ୱକୁ ପୂର୍ବପରି ସମ୍ପାଦନ କରୁଥିଲେ । ଏପର୍ଯ୍ୟନ୍ତକି ବିୟୋଗର ଦୁଇ ଦିନ ପୂର୍ବେ ଯେତେବେଳେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା ଏବଂ ନିଃଶ୍ୱାସ ନେବାରେ କଷ୍ଟ ଅନୁଭୂତ ହେଉଥିଲା ଓ ଖାଦ୍ୟ ଖାଇବାରେ ସମସ୍ୟା ଦେଖାଦେଲା ସେତେବେଳେ ମଧ ସ୍ୱର୍ଗତ ମହୋଦୟ ଜମାଅତୀୟ ପତ୍ରର ଉତ୍ତର ଲେଖୁଥିଲେ ଓ ଲୋକମାନଙ୍କ ଅର୍ଜେଣ୍ଟ ପତ୍ରର ଉତ୍ତର ମଧ ଦେଇଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟଙ୍କ ଏହି ଆକାଂକ୍ଷା ରହିଥିଲା ଯେ, ରୋମାନିୟାରେ ଜମାଅତ୍ ଦୃଢ ହେଉ ଏବଂ ଦେଶର ଅବସ୍ଥା ତଥା ପରିସ୍ଥିତିକୁ ଦୃଷ୍ଟି ସମ୍ମୁଖରେ ରଖି ଯଥୋଚିତ ବ୍ୟବହାରିକ ଉପାୟର ସହିତ ସେଥି ନିମନ୍ତେ ସେ ପ୍ରୟାସରତ ମଧ ରହୁଥିଲେ । ଅର୍ଥାତ୍ ଉଦ୍ୟମ ମଧ କରୁଥିଲେ । ଆପଣ ନିଜର ସନ୍ତାନମାନଙ୍କୁ କହୁଥିଲେ ଯେ, ତୁମମାନଙ୍କର ଭୂମିକା ଏବଂ ଜୀବନଶୈଳୀ ଏପରି ହେବା ଉଚିତ୍ ଯେ, ଏହା ପ୍ରଚାରର ଏକ ମାଧମ ପାଲଟି ଯାଉ ।

ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବ ରୋମାନୀୟ ଭାଷାରେ ପବିତ୍ର କୁରଆନ୍ କରୀମ୍ର ସଂପୂର୍ଣ୍ଣ ଅନୁବାଦ କରିବାକୁ ଚାହୁଁଥିଲେ । ସେ ଗୋଟିଏ ଦୁଇ ପାରାଃର ଅନୁବାଦ ମଧ ସଂପୂର୍ଣ୍ଣ କରି ସାରିଥିଲେ । କିନ୍ତୁ ଅନ୍ୟ କାର୍ଯ୍ୟ ଯୋଗୁଁ ଅତିରିକ୍ତ କାମ ଆଉ କରି ପାରିଲେ ନାହିଁ। ସେହିପରି ଆପଣ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ମଧ ଅନୁବାଦ କରୁଥିଲେ । ବିଭିନ୍ନ ବିଭାଗ ସହିଜ ଜଡ଼ିତ ସ୍ଥାନୀୟ ରୋମାନୀୟ ସଦସ୍ୟମାନଙ୍କ ସହିତ ଯେତେବେଳେ ବି ଆପଣଙ୍କର ଭେଟ ହେଉଥିଲା ସେତେବେଳେ ସେହି ରୋମାନୀୟ ଲୋକମାନେ ଏହା ହିଁ କହୁଥିଲେ ଯେ, ସ୍ୱର୍ଗତ ଫହୀମୁଦ୍ଦୀନ୍ ସାହେବଙ୍କର ଭାଷା ଅତ୍ୟନ୍ତ ଶିଷ୍ଟ, ମାର୍ଜିତ ଓ ସାହିତ୍ୟିକ ଅଟେ । ମହୋଦୟଙ୍କ ଭାଷାଶୈଳୀ ଏପରି ପ୍ରତିତ ହେଉଥିଲା ଯେପରିକି ଆପଣ ବିଶ୍ୱ ବିଦ୍ୟାଳୟରେ ପାଠ ପଢାଉଥିବା ଜଣେ ଅଧାପକ ଅଟନ୍ତି । ଅର୍ଥାତ୍ ଅଧାପକଙ୍କ ପରି ସ୍ୱର୍ଗତଙ୍କର ଭାଷା ଶୈଳୀ ଥିଲା ।

ହୁଜୁରେ ଅନ୍ୱର୍ ଅ.ବ କହିଲେ, ସେଠାକାର ସ୍ଥାନୀୟ ଅଧିବାସୀମାନେ କହୁଥିଲେ ଯେ, ଆମେମାନେ କୌଣସି ଅଣ ରୋମାନୀୟ ବ୍ୟକ୍ତିକୁ ଏଭଳି ଉତ୍ତମ ଓ ଉତ୍କୃଷ୍ଟ ଭାଷା କହୁଥିବାର କେବେ ବି ଦେଖି ନାହୁଁ । ରୋମାନୀୟ ଭାଷାରେ ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବଙ୍କର ଗଭୀର ଦଖଲ ରହିଥିଲା । ଆପଣ ଭଲ ଭାବରେ ରୋମାନୀୟ ଭାଷା କହୁଥିଲେ । ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ମାତାଶ୍ରୀ ସିଫିୟା ବେଗମ୍ ସାହେବା କୁହନ୍ତି ଯେ, ମୋ ସୁପୁତ୍ରର ନନା ଏବଂ ନାନୀ (ଅର୍ଥାତ୍ ଅଜା ଓ ଆଈ)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଉଭୟେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କର ସାହାବି ଓ ସାହାବିୟାହ୍ ଥିଲେ। ଆପଣ ଅତ୍ୟନ୍ତ ଉଚ୍ଚ କୋଟିର ଭାଷାବିତ୍ ଥିଲେ । ମୋ ସୁପୁତ୍ର ଅତ୍ୟନ୍ତ ଉଚ୍ଚ କୋଟିର ସୁଗୁଣର ଅଧିକାର ଥିଲା । ପ୍ରତ୍ୟେକ ବ୍ୟକ୍ତି ମୋ ପୁତ୍ର ସଂପର୍କରେ ଚର୍ଚ୍ଚା କରୁଛି । ଉତ୍ତମ ଆଚରଣ, ଧୈର୍ଯ୍ୟ ଓ ଧର୍ମ କାର୍ଯ୍ୟରେ ଅଭିରୁଚି ଇତ୍ୟାଦି ଗୁଣ ଅଲ୍ଲାଃତାଲା ମୋ ପୁତ୍ରକୁ ପ୍ରଦାନ କିରଥିଲେ । ମୋ ପୁତ୍ର ଅତ୍ୟନ୍ତ ଆଜ୍ଞାକାରୀ ପୁତ୍ର ଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବଙ୍କର ଅଭିଭାବକ ତାଙ୍କର ଜନ୍ମ ପୂର୍ବରୁ ଏକ ସ୍ୱପ୍ନ ଦେଖିଥିଲେ । ସେହି ସ୍ୱପ୍ନରେ ସେମାନେ ଦେଖିଲେ ଯେ, ସେମାନେ ଏକ ପୁତ୍ର ସନ୍ତାନକୁ ଧରିଛନ୍ତି ଏବଂ ତା'କୁ ଦେଖୁଛନ୍ତି ଯେ, ସେହି ପୁତ୍ରର କପାଳରେ ଚନ୍ଦ୍ର ଏବଂ ତାରକା ଅଙ୍କିତ ହୋଇଅଛି । ଯେତେବେଳେ ତାଙ୍କର ସୁପୁତ୍ର ମୁବଲ୍ଲିଗ୍ ସିଲ୍‌ସିଲା ହେଲା ସେତେବେଳେ ସେମାନେ ବୁଝି ପାରିଲେ ଯେ, ଏହି ସନ୍ତାନ ଦିନେ ନା ଦିନେ ଅବଶ୍ୟ ଚମକିବ । ଅର୍ଥାତ୍ ଆଲୋକିତ ହେବ । ହୁଜୁର ଅନୱର୍ ଅ.ବ କହିଲେ, 2006 ମସିହାରେ ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବ ରୋମାନୀୟା ଯାଇଥିଲେ । ଆପଣ ରୋମାନୀୟାର ପ୍ରଥମ ମୁବଲ୍ଲିଗ୍ ଅଟନ୍ତି ଏବଂ ସେଠାରେ ଯାଇ ଆପଣ ରୋମାନୀୟନ୍ ଭାଷା ମଧ୍ୟ ଶିଖିଲେ ଏବଂ ଭଲ ଭାବରେ ଉକ୍ତ ଭାଷାକୁ ଆପଣ କରାୟତ୍ତ କଲେ ଓ ସେଠାରେ ସ୍ନାତକ ଶ୍ରେଣୀରେ ଡିଗ୍ରୀ ମଧ୍ୟ ପ୍ରାପ୍ତ କଲେ । ଆପଣ ଜମାଅତ୍ ପାଇଁ ବହୁତ କାମ କଲେ । ଆପଣ ରୋମାନୀୟା ଯାଇ ଜମାଅତ୍ ସେଠାରେ ପଞ୍ଜିକୃତ କଲେ । ଏହାପରେ ଆପଣ ସେଠାରେ ମିଶନ ହାଉସ୍ ସ୍ଥାପନ କଲେ । ଯେପର୍ଯ୍ୟନ୍ତ ଆପଣ ପ୍ରତି ଦିନର କାର୍ଯ୍ୟ ସମାପ୍ତ କରି ଦେଉ ନଥିଲେ ସେପର୍ଯ୍ୟନ୍ତ ଆପଣ ଶାନ୍ତିରେ ବସୁ ନଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ଭାଇ ରଫିଉଦ୍ଦୀନ୍ ସାହେବ କୁହନ୍ତି ଯେ, ମ୍ୟାଟ୍ରିକ ପରେ ସ୍ୱର୍ଗତ ଭାଇ ମହୋଦୟ କାହାକୁ କିଛି ନକହି ଯାମିୟା ଚାଲିଗଲେ ଏବଂ ନିଜର ୱକ୍‌ଫକୁ (ଉତ୍ସର୍ଗୀକୃତତାକୁ) ଅତ୍ୟନ୍ତ ଉତ୍ତମ ଢଙ୍ଗରେ ନିର୍ବାହ କଲେ। ଭାଇ ଛୁଟି ମଧ୍ୟ ନେଉ ନଥିଲେ । କିନ୍ତୁ କେବଳ ଥରେ ଛୁଟି ନେଇଥିଲେ । ଅର୍ଥାତ୍ ଯେତେବେଳେ ତାଙ୍କ ଭଉଣୀଙ୍କର ବିୟୋଗ ହୋଇଥିଲା ସେତେବେଳେ ଭାଇ ଛୁଟି ନେଇଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ତାଙ୍କର ସୁପୁତ୍ର ମିର୍ଜା ଲବିଦ୍ ଅହମଦ ସାହେବ କୁହନ୍ତି ଯେ, ମୁଁ ମେଡ଼ିକାଲା କଲେଜରେ ଯେତେବେଳେ ଆଡ଼ମିଶନ ନେଲି ସେତେବେଳେ ପିତାଶ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତେଣୁ ମୋ ମନରେ ଏହି ସନ୍ଦେହ ସୃଷ୍ଟି ହୋଇଥିଲା ଯେ, ମୁଁ ଏହି ଶିକ୍ଷା ସଂପୂର୍ଣ୍ଣ କରିବି ଅବା ନୁହେଁ ? ତେଣୁ ପିତାଶ୍ରୀ ମୋତେ ସବୁଦିନ ଫୋନ୍ କରି ସାହସ ପ୍ରଦାନ କରୁଥିଲେ ଏବଂ ମୋତେ ଦୁରୁଦ୍ ଶରୀଫ୍ ପାଠ କରିବା, ନମାଜ୍ ତହଜ୍ଜୁଦ୍ ପାଠ କରିବା, ଦୁଆ କରିବା ପ୍ରତି ଅନୁପ୍ରାଣିତ ଓ ଉତ୍ସାହିତ କରୁଥିଲେ । ପିତାଶ୍ରୀ ମୋତେ ପରିଶ୍ରମ କରିବାକୁ କହୁଥିଲେ ଏବଂ ଏହିପରି ଭାବରେ ପିତାଶ୍ରୀ ମୋତେ ଉତ୍ସାହିତ କରିଥିଲେ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବଙ୍କର ଦ୍ୱିତୀୟ ପୁତ୍ର ଆୟୁଷ୍ମାନ୍ ଦାନିଶ୍ ଅହମଦ କୁହନ୍ତି ଯେ, ପିତାଶ୍ରୀଙ୍କ ବିୟୋଗ ଖବର ଯିଏ ବି ଶୁଣିଲା ସେ ଉକ୍ତ ଖବର ଶୁଣି କାନ୍ଦିବାକୁ ଲାଗିଲା । ଲୋକମାନେ କହୁଥିଲେ ଯେ, ପିତାଶ୍ରୀ ଅତ୍ୟନ୍ତ ପୁଣ୍ୟବାନ୍, ସଦାଚାରୀ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ । ଅତ୍ୟନ୍ତ ସନ୍ତାନବତ୍ସଳ ପିତାଶ୍ରୀ ଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଲାଟ୍‌ଭିୟାର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବ ଅତ୍ୟନ୍ତ ପରିଶ୍ରମୀ, ଉଦ୍ୟମୀ, ସଚ୍ଚରିତ୍ର ଉତ୍ତମ ସ୍ୱଭାବର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କର ବିନୀତତା, ବିନମ୍ରତା ଏବଂ ସରଳତା ପ୍ରତ୍ୟେକ ବ୍ୟକ୍ତିକୁ ଆକର୍ଷିତ କରି ନେଉଥିଲା । ତାଙ୍କର ସ୍ୱଭାବରେ ଏକ ବିଶେଷ ପ୍ରକାରର ଉଷ୍ମତା ରହିଥିଲା । ମୁଖରେ ସର୍ବଦା ସ୍ମିତ ହାସ୍ୟତା ବିଦ୍ୟମାନ ରହୁଥିଲା । ରୋମାନୀୟା ଦେଶରେ କେତେକ ବିଦେଶୀ ଛାତ୍ରମାନେ ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ଅବସ୍ଥାନ କରୁଥିଲେ । ସେହି ଛାତ୍ରମାନଙ୍କ ପ୍ରତି ସ୍ୱର୍ଗତ ଫହୀମୁଦ୍ଦୀନ୍ ସାହେବ ଅତ୍ୟନ୍ତ ବାତ୍ସଲ୍ୟତା ଓ ଆନ୍ତରୀକତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ତସୱୁର୍ ଯାୱେଦ୍ ନାମକ ଜଣେ ଛାତ୍ର ଅଟନ୍ତି। ସେ ବର୍ତ୍ତମାନ ଡାକ୍ତର ହୋଇ ଯାଇଛନ୍ତି । ସେ କୁହନ୍ତି ଯେ, "ଛାତ୍ରମାନଙ୍କର ଆଧ୍ୟାତ୍ମିକ ସଂସ୍କାର ନିମନ୍ତେ ବିଶ୍ୱବିଦ୍ୟାଳୟ ଏବଂ କଲେଜମାନଙ୍କରେ ଯେଉଁଠି ସେମାନେ ଅଧ୍ୟୟନ କରୁଥିଲେ ସେଠାକୁ ଆପଣ ଟ୍ରେନ୍ କିମ୍ବା ବସ୍ ଯୋଗେ ଅନେକ ଘଣ୍ଟାର ଯାତ୍ରା କରି ପହଞ୍ଚୁଥିଲେ ଏବଂ ସେମାନଙ୍କୁ ସାକ୍ଷାତ୍ କରି ଓ ସେମାନଙ୍କର ସଂସ୍କାର କରି ଆସୁଥିଲେ । ସ୍ୱର୍ଗତ ମହୋଦୟ ଜମାଅତ୍‌ର ପଇସା ସଞ୍ଚୟ କରୁଥିଲେ । ଜମାଅତ୍‌ର ପଇସା ସଞ୍ଚୟ କରିବା ପ୍ରତି ତାଙ୍କର ସବୁବେଳେ ପ୍ରୟାସ ରହୁଥିଲା । ଏପର୍ଯ୍ୟନ୍ତକି ଆପଣ କାଗଜର ପଟ୍ଟି ଏବଂ ବିଭିନ୍ନ ଜିନିଷକୁ ଏକତ୍ରିତ ତଥା ବ୍ୟବହାର କରି ସ୍ୱୟଂ ଏକ ଡାଇସ୍ (ମଞ୍ଚ) ମଧ୍ୟ ପ୍ରସ୍ତୁତ କରି ନେଇଥିଲେ । କାରଣ ଜମାଅତ୍‌ର ପାଇସା ସଞ୍ଚୟ ହୋଇଯାଉ । ପ୍ରବଳ ରୋଗରେ ମଧ୍ୟ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଅତ୍ୟନ୍ତ କଷ୍ଟ ତଥା ସମସ୍ୟା ଯୋଗୁଁ ମଧ୍ୟ ନମାଜ୍ ପାଠ କରିବାର ବ୍ୟବସ୍ଥ କରିଥିଲେ। ଅତ୍ୟନ୍ତ ସରଳ ଏବଂ ବିନୀତ ବ୍ୟକ୍ତି ଥିଲେ । ଆମମାନଙ୍କୁ ଏବଂ ପିଲାମାନଙ୍କୁ ମଧ୍ୟ ଆପଣ ଶିଷ୍ଟତା ଏବଂ ବିନୀତତା ଶିକ୍ଷା ଦେବା ନିମନ୍ତେ ଉଦ୍ୟମ କରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ରୋମାନୀୟାରୁ ଜଣେ ବାଳକ ଆୟୁଷ୍ମାନ ରୁମାନ୍ ଶମଶ୍ ନାମକ ଜଣେ ବାଳକ ଅଟନ୍ତି ସେ କୁହନ୍ତି ଯେ, ମୋତେ ପରୀକ୍ଷା ବହୁତ କଷ୍ଟ ଲାଗୁଥିଲା । ମୋ ମନରେ ଏହି ସନ୍ଦେହ ଜାତ ହେଉଥିଲା ଯେ, ମୁଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବି ନାହିଁ । ତେବେ ମୁବଲ୍ଲିଗ୍ ସାହେବ ମୋତେ ଆଶ୍ୱାସନା ଦେଉଥିଲେ ଯେ, ବସ୍ସ ! ଆଦୌ ଚିନ୍ତା କର ନାହିଁ । ପରୀକ୍ଷାର ଗୋଟେ ସପ୍ତାହ ପୂର୍ବରୁ ମୁଁ ତୁମକୁ ଏପରି ବିନ୍ଦୁ ବୁଝାଇବି ଯେ, ତୁମେ ଇନ୍‌ଶାଅଲ୍ଲାଃ କୃତକାର୍ଯ୍ୟ ହୋଇଯିବ । ରୁମାନ୍ ସାହେବ କୁହନ୍ତି ଯେ, ଏହିପରି ଭାବରେ ମୋର ଲାଭ ହୋଇଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ଅଦିଲ୍ ଅଦ୍ରିୟାନ୍ ନମାକ ଜଣେ ରୋମାନୀୟ ନବଦୀକ୍ଷିତ ବ୍ୟକ୍ତି ଅଟନ୍ତି । ସେ କୁହନ୍ତି ଯେ, ମୁଁ ସ୍ୱର୍ଗତ ମୁବଲ୍ଲିଗ୍ ସାହେବଙ୍କୁ ହସ୍ପିଟାଲ୍ ନେଇକି ଯେତେବେଳେ ଆସିଲି ସେତେବେଳେ ସେ ତା' ପରବର୍ତ୍ତୀ ଦିନ ଏକ ଜମାଅତ୍‌ର କାର୍ଯ୍ୟ ସଂକ୍ରାନ୍ତରେ ମୋତେ ସାହାଯ୍ୟ ମାଗିଲେ । ସେହି ସାହାଯ୍ୟଟି ଏହିପରି ଯେ, ଏକ ପାଖ ସହର ପାଖକୁ ତାଙ୍କର ଯିବାର ଥିଲା । ଅତଏବ୍ ଆମେମାନେ ଯେତେବେଳେ କାମ ସକାଶେ ସେଠାକୁ ଗଲୁ ସେତେବେଳେ ବାଟରେ ନାନା ପ୍ରସଙ୍ଗ ଉପରେ କଥାବାର୍ତ୍ତା କରି ଏକ ଅବସରରେ କିଛି ମିନିଟ୍ ପାଇଁ ମୁବଲ୍ଲିଗ୍ ସାହେବ ଏକ ଭାବ ବିହ୍ୱଳମୟ ଅବସ୍ଥାରେ ମୋତେ କହିଲେ, ଭଗବାନ ନକରନ୍ତୁ କି ମୋର ଯଦି କିଛି ହୋଇଯାଏ ତେବେ ମୋତେ ଏହି ଠାରେ ହିଁ କବର ଦେଇଦେବା ଉଚିତ୍ । କାରଣ ଲୋକମାନେ ଏହା ମନେରଖନ୍ତୁ ଯେ, ସ୍ୱର୍ଗତ ଫହିମୁଦ୍ଦୀନ୍ ସାହେବ ରୋମାନୀୟା ଠାରେ ରହି ଏକ ସକାରାତ୍ମକ ପରିବର୍ତ୍ତନ ସୃଷ୍ଟି କରିଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଅଦିଲ୍ ଅଦ୍ରିୟାନ୍ ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ସତ୍ତ୍ୱେ ମଧ୍ୟ ଆପଣ ସର୍ବଦା ନିଜର ଲ୍ୟାପଟପରେ କାମ କରି ନିଜେ ଏକ ପତ୍ର ଲେଖି ନିଜର କାର୍ଯ୍ୟକୁ ଜାରି ରଖିବା ପାଇଁ ଉଦ୍ୟମ କରୁଥିଲେ। ସର୍ବଦା ଈଶ୍ୱରଙ୍କ ଧର୍ମ ଏବଂ ଅନ୍ୟମାନଙ୍କ ନିମନ୍ତେ ଅଧିକ ଚିନ୍ତିତ ରହୁଥିଲେ । ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣ ମୁହୂର୍ତ୍ତକ ପାଇଁ ନିଜ ପାଇଁ ମଧ୍ୟ ଭାବିଲେ ନାହିଁ । ମୁଁ ସ୍ୱର୍ଗତ ମୁବଲ୍ଲିଗ୍ ସାହେବଙ୍କୁ ନିଜର ସମୟ ଏବଂ ଅନ୍ୟମାନଙ୍କ ନିମନ୍ତେ ବଳିଦାନ ଦେଉଥିବାର ଦେଖିଅଛି । ସ୍ୱର୍ଗତ ମହୋଦୟ ଉକ୍ତ କଥା ପ୍ରତି କୃତଜ୍ଞତା ଜ୍ଞାପନ କରୁଥିଲେ ଯେ, ତାଙ୍କୁ ଅନ୍ୟମାନଙ୍କର ସେବା କରିବା ମିମନ୍ତେ ସୁଯୋଗ ପ୍ରାପ୍ତ ହେଉଛି। ମୁଁ ତାଙ୍କ ପାଟିରୁ କେବେ ବି କାହା ବିରୁଦ୍ଧରେ କୌଣସି ଖରାପ କଥା ଶୁଣି ନାହିଁ ।

ଆପଣ ନମାଜରେ କେବଳ କାନ୍ଦୁ ନଥିଲେ ବରଂ କାନ୍ଦି କାନ୍ଦି ନିଜର ପରିବାର, ରୋମାନୀୟା ଜମାଅତ୍ ପାଇଁ ଓ ଜମାଅତ୍‌ର ପଦାଧିକାରୀମାନଙ୍କ ନିମନ୍ତେ ମଧ୍ୟ ଦୁଆ କରୁଥିଲେ । ସେ କେବେ ବି ଦିନଟିଏ ଛୁଟି ନେଇ ନାହାନ୍ତି ଓ ନା ହିଁ କେବେ ସେ ଅଧିକ ବିଶ୍ରାମ ନେବାକୁ ଚାହୁଁଥିଲେ । କାରଣ ସେ କହୁଥିଲେ ଯେ, ତାଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଜମାଅତ୍‌ର ପ୍ରତ୍ୟେକ ଦୃଷ୍ଟିରୁ ସର୍ବୋତ୍ତମ ସାମର୍ଥ୍ୟତାର ସହିତ ସେବା କରିବା ଉଚିତ୍ । ଏଥି ନିମନ୍ତେ ତାଙ୍କୁ ନିଜର ନିଦ୍ରା କିମ୍ବା ସ୍ୱାସ୍ଥ୍ୟର ବଳିଦାନ ଦେବାକୁ ପଡୁ ପଛେ ସେ କନ୍ତୁ ଏଥିରୁ ପଛ ଘୁଞ୍ଚା ଦେଉ ନଥିଲେ । ସର୍ବଦା ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ରୂପେ ଭରସା ରଖୁଥିଲେ । ଅନ୍ୟମାନଙ୍କୁ ମଧ୍ୟ ବହୁଳ ରୂପେ ଦୁଆ କରିବା ନିମନ୍ତେ ଏବଂ ଈଶ୍ୱରଙ୍କ ସାହାଯ୍ୟ ଉପରେ ବିଶ୍ୱାସ ରଖିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଏହି ନବଦୀକ୍ଷିତ ଆଗକୁ ଉଲ୍ଲେଖ କରନ୍ତି ଯେ, "ମୋ ନିମନ୍ତେ ମୁବଲ୍ଲିଗ୍ ସାହେବ କେବଳ ମୁବଲ୍ଲିଗ୍ ହିଁ ନୁହନ୍ତି ବରଂ ଜଣେ ପିତା ପରି ଅଟନ୍ତି। ସେ ମୋ ନିମନ୍ତେ ଜଣେ ଅସାଧାରଣ ମାର୍ଗଦର୍ଶକ ଥିଲେ ଏବଂ ଜଣେ ଉତ୍ତମ ନିକଟ ସଂପର୍କୀୟ ବନ୍ଧୁ ମଧ୍ୟ ଥିଲେ ।"

ହୁଜୁର ଅନୱର୍ ଅ.ବ କହିଲେ, ଏ ହେଉଛି ଜଣେ ମୁବଲ୍ଲିଗଙ୍କର ସୁଗୁଣାବଳୀ ଏବଂ ବିଶେଷତା । ଏହି ସୁଗୁଣାବଳୀ ତଥା ବିଶେଷତାକୁ ଜଣେ ନବଦୀକ୍ଷିତ ବ୍ୟକ୍ତି ବର୍ଣ୍ଣନା କରିଛନ୍ତି । ଏହି ସଂସ୍କାର ଏବଂ ଏହି ଆଦର୍ଶ ଓ ଉଦାହରଣ ତବ୍‌ଲିଗ ତଥା ସଂସ୍କାରରେ ସହଜତା ସୃଷ୍ଟି କରିଥାଏ ଓ ସୁପରିଣାମ ମଧ୍ୟ ସୃଷ୍ଟି କରିଥାଏ । ଅତଏବ୍ ବିଦେଶରେ ଧର୍ମ ସକାଶେ ଆପଣ ନିଜର ପ୍ରାଣକୁ ଉତ୍ସର୍ଗ କରିଦେଇଛନ୍ତି । ସେହି ଦୃଷ୍ଟିରୁ ତାଙ୍କର

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ମର୍ଯ୍ୟାଦା ମଧ୍ୟ ଜଣେ ଶହୀଦର ମର୍ଯ୍ୟା ତୁଲ୍ୟ ଅଟେ । ଆପଣ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିଜର ଅଙ୍ଗୀକାରକୁ ବିଶ୍ୱସ୍ତତାର ସହିତ ନିର୍ବାହ କରିଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ମୁଁ ମଧ୍ୟ ଦେଖିଛି ଯେ, ସ୍ୱର୍ଗତଙ୍କ ମୁଖମଣ୍ଡଳରେ ସର୍ବଦା ସ୍ମିତହାସ୍ୟତା ବିଦ୍ୟମାନ ରହୁଥିଲା । ମୌଲବୀ ଉବୈଦୁଲ୍ଲାଃ ସାହେବ ଯେକି ମରେଶିୟସ୍ ଠାରେ କର୍ମଭୂମିରେ ମୃତ୍ୟୁବରଣ କରିଥିଲେ, ତାଙ୍କ ସଂପର୍କରେ ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଉପଦେଶ ଦେଇଥିଲେ ଯେ, "ଏପରି କର୍ମଯୋଗୀ, ଉଦ୍ୟମୀ, କର୍ମଠ, ପୁଣ୍ୟବାନ୍, ଆଦର୍ଶବାନ ବ୍ୟକ୍ତିମାନେ ଶହୀଦ୍ ରୂପେ ବିବେଚିତ ହୋଇଥାଆନ୍ତି । ତେଣୁ ଆମମାନଙ୍କୁ ମଧ୍ୟ ସ୍ୱର୍ଗତଙ୍କ ଠାରୁ ଉଚିତ ଶିକ୍ଷା ଆହରଣ କରିବା ଉଚିତ୍ ।" **(ଖୁତ୍‌ବାତେ ମହମୁଦ୍, ଭାଗ-8, ପୃ-263-264, ଖୁତବାତେ ଜୁମା, ପ୍ରଦତ୍ତ 1923 ମସିହା, ଡିସେମ୍ବର ମାସ 7 ତାରିଖ)**

ହୁଜୁର ଅନୱର୍ ଅ.ବ କହିଲେ, ନିଃସନ୍ଦେହ ସ୍ୱର୍ଗତ ଫହିମ୍ ନାସିର ସାହେବଙ୍କର ମଧ୍ୟ ଏହିପରି ଭୂମିକା ରହିଥିଲା, ଏହି ଉଦାହରଣ ରହିଥିଲା ଯାହାକି ବିଶେଷତଃ ପ୍ରତ୍ୟେକ ୱାକ୍‌ଫିନେ ଜିନ୍ଦିଗୀ ମୁବଲ୍ଲିଗ୍ ନିମନ୍ତେ ଏକ ଶିକ୍ଷଣୀୟ ପ୍ରସଙ୍ଗ ଅଟେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତଙ୍କର ପତ୍ନି ଏବଂ ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା, ଶ୍ରୀଯୁକ୍ତ ଅବଦୁଲ୍ ଅଲିମ୍ ଫାରୁକି ସାହେବଙ୍କର । ଆପଣ କାନାଡ଼ାର ଅବଦୁର୍ ରଶିଦ୍ ଫାରୁକି ସାହେବଙ୍କର ସୁପୁତ୍ର ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଅବଦୁଲ୍ ଅଲିମ୍ ଫାରୁକି ସାହେବ ମୁସି (ଓସିୟତ୍‌କାରୀ) ଥିଲେ । ତାଙ୍କର ବିୟୋଗ ଏହିପରି ହୋଇଥିଲା ଯେ, ତିନିଜଣ ସନ୍ଦିଗ୍ଧ ସଶସ୍ତ୍ରଧାରୀ ବ୍ୟକ୍ତି ତାଙ୍କ ଘରେ ପ୍ରବେଶ କଲେ । ମହୋଦୟ ନିଜ ଘରେ ଶୋଇଥିଲେ । ପତ୍ନି ଏବଂ ତିନିଜଣ କନ୍ୟା ସନ୍ତାନ ତଳ ବଖରାରେ ଥିଲେ । ପୁତ୍ର ମଧ୍ୟ ନିଜ ରୁମରେ ଥିଲା । ଡକାୟତମାନେ ସମସ୍ତଙ୍କର ଫୋନ୍ ନେଇନେଲେ । ସ୍ୱର୍ଗତ ଯେତେବେଳେ ପାଟିତୁଣ୍ଡ ଶୁଣିଲେ ସେତେବେଳେ ଆପଣ ନିଦରୁ ଉଠିଲେ । ସେତେବେଳେ ଜଣେ ଡାକୁ ଆପଣଙ୍କ ରୁମରେ ପଶିଗଲା । ଯେତେବେଳେ ସ୍ୱର୍ଗତ ମହୋଦୟ ଡାକୁକୁ ଡରାଇବାକୁ ଚାହିଁଲେ ସେତେବେଳେ ସେ ଆପଣଙ୍କ ନାକ ଏବଂ କାନ୍ଧ ଉପରେ ଏକ ଠେଙ୍ଗା ସାହାଯ୍ୟରେ ପ୍ରହାର କରି ସେଠାରୁ ପଳାୟନ କଲା । ସେତେବେଳେ ସ୍ୱର୍ଗତ ନିଜର ପୁତ୍ର ରୁମ୍ ଆଡ଼କୁ ଯେତେବେଳେ ଯିବାକୁ ଲାଗିଲେ ସେତେବେଳେ ଜଣେ ଡକାୟତ ଯେକି ପାହାଚ ପାଖରେ ଛିଡ଼ା ହୋଇଥିଲା ସେ ଆପଣଙ୍କ ଉପରେ ବନ୍ଧୁକ (ଗୁଳି) ଚଳାଇ ଦେଲା । ଗୋଟିଏ ଗୁଳି ଆସି ସ୍ୱର୍ଗତଙ୍କ ଛାତିରେ ବାଜି ଶରୀରର ଆରପଟେ ବାହାରି ଗଲା । ଘଟଣା ସ୍ଥଳରେ ସ୍ୱର୍ଗତଙ୍କର ପ୍ରାଣବାୟୁ ଉଡ଼ିଗଲା । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି କୁଦ୍‌ରତୁଲ୍ଲାଃ ସନୱରୀ ସାହେବ ର.ଅ ଏବଂ ହ. ମୌଲବୀ ମୁହମ୍ମଦ୍ ହୁସୈନ୍ ସାହେବ ର.ଅଙ୍କ ପଣନାତି ଥିଲେ । ଆପଣ ଜମାଅତ୍‌ର ଜଣେ ସକ୍ରିୟ ସଦସ୍ୟ ଥିଲେ । ପାଞ୍ଚବେଳା ନମାଜ ଏବଂ ନମାଜ ତହଜ୍ଜୁଦ୍‌ର ଆପଣ ନିୟମାନୁବର୍ତ୍ତୀ ଥିଲେ । ଆପଣ ଜଣେ ଉତ୍ସାହପୂର୍ଣ୍ଣ **ଦାଇ ଇଲଲ୍ଲାଃ** ମଧ୍ୟ ଥିଲେ । ନିଜର ହଲ୍‌କାରେ ଜଣେ ସ୍ଥାନୀୟ ସେକ୍ରେଟାରୀ ତବ୍‌ଲିଗ୍ ଭାବରେ ସେବା କରିବାକୁ ଆପଣଙ୍କୁ ସୁଯୋଗ ପ୍ରାପ୍ତ ହୋଇଥିଲା । ବର୍ତ୍ତମାନ ସ୍ୱର୍ଗତ ମହୋଦୟ ହଲ୍‌କାର ସଦର ହିସାବରେ ସେବା କରୁଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କଗ ମଧ୍ୟରେ ତାଙ୍କର ପତ୍ନିଙ୍କ ବ୍ୟତୀତ, ଗୋଟିଏ ପୁତ୍ର ସନ୍ତାନ ଏବଂ ତିନି ଜଣ କନ୍ୟା ସନ୍ତାନ ରହିଛନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ଜକରିୟା ଖାନ୍ ସାହେବ ନାମକ ଜଣେ ସ୍ୱର୍ଗତଙ୍କ ସଂପର୍କୀୟ ମିଶ୍‌ନାରୀ ଇନ୍‌ଚାର୍ଜ ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଅବଦୁଲ୍ ଅଲିମ୍ ଅତ୍ୟନ୍ତ ପୁଣ୍ୟ ସ୍ୱଭାବର ଅଧିକାରୀ, ଶୁଭେଚ୍ଛୁ ଅସ୍ତିତ୍ୱଟିଏ ଥିଲେ । ସ୍ୱର୍ଗତ ଅବଦୁଲ୍ ଅଲିମ୍ ସାହେବଙ୍କ ପତ୍ନି ଜକରିୟା ଖାନ୍ ସେହେବଙ୍କୁ କହିଲେ, ମୋ ସ୍ୱାମୀ ନମାଜ ତହଜ୍ଜୁଦ୍‌ର ନିୟମିତ ଥିଲେ, ନିୟମିତ ପାଞ୍ଚବେଳା ନମାଜକୁ ଶୃଙ୍ଖଳିତ ଉପାୟରେ ପାଠ କରୁଥିଲେ । ଜଣେ ଉତ୍ସାହପୂର୍ଣ୍ଣ **ଦାଇ ଇଲଲ୍ଲାଃ** ଥିଲେ । ନିଜର କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଦିନ ରାତି ଜମାଅତ୍‌ର କାର୍ଯ୍ୟରେ ବ୍ୟସ୍ତ ଓ ନିମଗ୍ନ ରହୁଥିଲେ । ଆର୍ଥିକ ବଳିଦାନରେ ପ୍ରତିଦ୍ୱନ୍ଦ୍ୱିତ ଭାବରେ ଅଂଶଗ୍ରହଣ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ଅତି ନିବିଡ଼ ସଂପର୍କ ଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ପତ୍ନି ମହୋଦୟା ଉଲ୍ଲେଖ କରନ୍ତି ଯେ, ମୋ ସ୍ୱର୍ଗତ ସ୍ୱାମୀ ଜଣେ ଉତ୍ତମ ସ୍ୱାମୀ ଥିଲେ । ମୁଁ ତାଙ୍କ ଠାରୁ ଅନେକ କିଛି କଥା ଶିଖିଅଛି । ତବ୍‌ଲିଗ୍ କରିବାରେ ସ୍ୱାମୀ ମହୋଦୟ ବେଶ୍ ରୁଚି ରଖୁଥିଲେ । ସର୍ବଦା ନୂଆ ନୂଆ ତବ୍‌ଲିଗ୍‌ର ଯୋଜନା ବିଷୟରେ ଭାବୁଥିଲେ ଓ ତାହାକୁ ବ୍ୟବହାରିକ ଜାମା ପିନ୍ଧାଇବା ପାଇଁ ମଧ୍ୟ ଆପଣ ଉଦ୍ୟମ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ଗଭୀର ସଂପର୍କ ମଧ୍ୟ ଥିଲା । ପଡ଼ୋଶୀମାନଙ୍କ ସହିତ, ସାହି ବାସୀନ୍ଦୀମାନଙ୍କ ସହିତ ମଧ୍ୟ ମୋ ସ୍ୱାମୀଙ୍କର ଭଲ ସଂପର୍କ ଥିଲା । ସମସ୍ତେ ତାଙ୍କୁ ବହୁତ ଭଲ ପାଉଥିଲେ । ସେ ସମସ୍ତଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ତାଙ୍କର ସୁପୁତ୍ରୀ ଅଜିଜା ଉଜ୍‌ମା ସାହେବା କୁହନ୍ତି ଯେ, ଛୋଟ ଛୋଟ କଥା ଠାରୁ ଆରମ୍ଭ ବଡ଼ ବଡ଼ ଆବଶ୍ୟକତା ପର୍ଯ୍ୟନ୍ତ ସର୍ବଦା ଚିନ୍ତିତ ରହୁଥିଲେ । ଦିନ ତମାମ୍ ନିଜର କାମ ହେଉ କି ଜମାଅତ୍‌ର କାମ ପିତାଶ୍ରୀ କାର୍ଯ୍ୟବ୍ୟସ୍ତ ରହୁଥିଲେ । ଆମେମାନେ ନିଜର ରୁମ୍‌ରେ ଶୋଇଥିଲୁ ସେତେବେଳେ ମଧ୍ୟ ରାତିରେ ଆମ ଶୋଇବା ସମୟରେ ରୁମ୍‌କୁ ଆସି ଭଲ ମନ୍ଦ ପଚାରୁଥିଲେ ଯେ, ଆଜି ସମୟ କିପରି କଟିଲା ? ନମାଜ୍ ପାଠ କରିଛ ନା ନାହିଁ ? ପିତାଶ୍ରୀ ନିଜ ସଂପର୍କରେ ମଧ୍ୟ କହୁଥିଲେ । ଏକ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଆମ ସହିତ ରହିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଅବଦୁଲ୍ ଅଲିମ୍ ସାହେବଙ୍କ ସୁପୁତ୍ର ଆୟୁଷ୍ମାନ୍ କଜିମ୍ ସାହେବ କୁହନ୍ତି, ଆମମାନଙ୍କ ନିମନ୍ତେ ପିତାଶ୍ରୀ ଜଣେ ଆଦର୍ଶବାନ୍ ବ୍ୟକ୍ତି ଥିଲେ । ସେ କୁହନ୍ତି ଯେ, ମୁଁ ଚେଷ୍ଟା କରିବି ଯେ, **ଇନ୍‌ଶାଅଲ୍ଲାଃ** ମୁଁ ପିତାଶ୍ରୀଙ୍କ ମାର୍ଗ ଓ ତାଙ୍କର ପଦାଙ୍କ ଅନୁସରଣ କରିବି । ତବ୍‌ଲିଗ୍ କରିବା ପାଇଁ ଆମେମାନେ ପ୍ରତ୍ୟେକ ଶନିବାର ଏବଂ ରବିବାର ଦିନ ଯାଉଥିଲୁ । ଯେଉଁଠି ବି ସୁଯୋଗ ମିଳୁଥିଲା ସେଠାରେ ତବ୍‌ଲିଗ୍ ଷ୍ଟଲ୍ ଲଗାଉଥିଲୁ । ପିତାଶ୍ରୀ ମୋତେ ପବିତ୍ର କୁରଆନ୍ କରିମ୍ ହିଫଜ୍ (ମଖସ୍ତ) ମଧ୍ୟ କରାଇଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶଜର୍ ଫାରୁକି ସାହେବ ଯେକି ଏଠାରେ ବାସ କରନ୍ତି ସେ ସ୍ୱର୍ଗତ ଅବଦୁଲ୍ ଅଲିମ୍ ସାହେବଙ୍କର ପୁତୁରା ଅଟନ୍ତି । ସେ ମଧ୍ୟ ଏହା ଉଲ୍ଲେଖ କରିଛନ୍ତି ଏବଂ ସମସ୍ତ ସୁଗୁଣାବଳୀ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି ଯେ, ଚଚା ମହୋଦୟ ଅତ୍ୟନ୍ତ ସ୍ୱଚ୍ଛ ହୃଦୟର ବ୍ୟକ୍ତି, ପୁଣ୍ୟବାନ୍ ସ୍ୱଭାବର ଅଧିକାରୀ, ସଚ୍ଚରିତ୍ର, ଉଚ୍ଚ ଚରିତ୍ର ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କୁ ଉମ୍ରାହ୍ କରିବାର ସୌଭାଗ୍ୟ ମଧ୍ୟ ଅର୍ଜନ ହୋଇଥିଲା । ସେଠାରେ ମଧ୍ୟ ଲୋକମାନେ କହିଲେ, ଯେ, ଆମେମାନେ ତାଙ୍କ ମଧ୍ୟରେ ଉପାସାନ ପ୍ରତି ଥିବା ଏପରି ଆନ୍ତରୀକତା ଏବଂ ଧ୍ୟାନମଗ୍ନତା ଦେଖିଛୁ ଯେ, ତାହା ଅତି ପ୍ରଶଂସନୀୟ ଅଟେ । କନ୍ୟାମାନଙ୍କର ସଂସ୍କାର ପ୍ରତି ଆପଣ ସର୍ବାଦ ଚିନ୍ତିତ ରହୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ଏକ 15 ବର୍ଷୀୟା କନ୍ୟା ସନ୍ତାନ ଥିଲା । ତେବେ ଚଚା ମହୋଦୟ ମୋତେ ପଚାରିଲେ ଯେ, କନ୍ୟା (ଝିଅ)କୁ ଫୋନ୍ ଆଣି ଦେବା ଉଚିତ୍ ହେବ ଅବା ନୁହେଁ ? ପୁନଶ୍ଚ ଯେତେବେଳେ ମୋର ମାର୍ଗଦର୍ଶନ ତାଙ୍କୁ ପ୍ରାପ୍ତ ହେଲା ସେତେବେଳେ ସେ ତଦନୁଯାୟୀ ମୋର ମାର୍ଗଦର୍ଶନ ଉପରେ କାର୍ଯ୍ୟାନୁସରଣ କଲେ । ସ୍ୱର୍ଗତ ଚଚା ପ୍ରତ୍ୟେକ ବସ୍ତୁକୁ ଅତ୍ୟନ୍ତ ସୂକ୍ଷ୍ମ ଦୃଷ୍ଟିରେ ଦେଖୁଥିଲେ । ବାଧ୍ୟତାମୂଳକ ଚାନ୍ଦା ବ୍ୟତୀତ ଅନ୍ୟାନ୍ୟ ଆର୍ଥିକ ବଳିଦାନରେ ମଧ୍ୟ ବ୍ୟାପକ ସାହସ ମାଧ୍ୟମରେ, ପ୍ରତିଦ୍ୱନ୍ଦ୍ୱିତ ଭାବରେ ସେବା କରୁଥିଲେ । ପାକିସ୍ତାନରେ ଅଭାବିମାନଙ୍କ ସେବା ନିମନ୍ତେ ସେ ବିପୁଳ ପରିମାଣର ଅର୍ଥରାଶି ପ୍ରେରଣ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଅବଦୁଲ୍ ଅଲିମ୍ ସାହେବଙ୍କ ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, ମୋର ସନ୍ତାନ ଜମାଅତ୍‌ର ପ୍ରାଣୋତ୍ସର୍ଗୀ, ଖିଲାଫତ୍ ସହିତ ଗଭୀର ଆନ୍ତରରୀକତାପୂର୍ଣ୍ଣ ସଂପର୍କ ରଖୁଥିଲା । ପ୍ରତ୍ୟେକ ପ୍ରସଙ୍ଗରେ ସତ୍ୟକୁ ପ୍ରାଧାନ୍ୟ ଦେଉଥିଲେ । ପ୍ରତ୍ୟେକ ବଡ଼ ସାନଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲା । ତବ୍‌ଲିଗ୍ କରିବାର ବେଶ ଅଭିରୁଚି ରହିଥିଲା । ମୋ ପୁଅ ପ୍ରତ୍ୟେକ ରବିବାର ଦିନ ତବଲିଗ୍ କରିବାକୁ ଯାଉଥିଲା । ତହଜ୍ଜୁଦ୍ ପ୍ରିୟ ଏବଂ ଅନ୍ୟମାନଙ୍କୁ ସାହାଯ୍ୟକାରୀ ବ୍ୟକ୍ତି ଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ନମାଜ୍ ବାଜମାଅତ୍ ପାଠ କରିବାକୁ ସେ ବହୁତ ଭଲ ପାଉଥିଲା । ବେଳେବେଳେ ନିଜ କାମରୁ ଟିକେ ବିରତି ନେଇ ମୋତେ ଫୋନ୍ କରି କହୁଥିଲା ଯେ, ମା ଆପଣ ଯଦି ନମାଜ୍ ପାଠ କରି ନାହାନ୍ତି ତେବେ ଅପେକ୍ଷା କରନ୍ତୁ ମୁଁ ଆସୁଛି, ଆମେମାନେ ଏକାଠି ନମାଜ ପାଠ କରିବା । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତଙ୍କ ମାତା, ପତ୍ନି ଏବଂ ସନ୍ତାନ ସନ୍ତତିମାନଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କର ସନ୍ତାନ ସନ୍ତତିମାନେ ପିତାଶ୍ରୀଙ୍କର ପୁଣ୍ୟାତ୍ମକ ଉଦାହରଣ ତଥା ପଦାଙ୍କ ଅନୁସରଣକାରୀ ହୁଅନ୍ତୁ ଏବଂ ପିତାଶ୍ରୀଙ୍କ ଅଭିଳାଷା ମୁତବାକ ପିତାଶ୍ରୀଙ୍କ ମାର୍ଗରେ ପରିଚାଳିତ ହୁଅନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍, 2025 ମସିହା, ଅକ୍ଟୋବର ମାସ 17 ତାରିଖ, ପୃ- 2-6)**

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

କାଶ୍ମୀର ଠାରେ ପହଞ୍ଚିଲେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରିମ୍‌ରେ କୁହନ୍ତି ଯେ, ଅଲ୍ଲାଃତାଲା ହ. ଇସା ଅ.ସଙ୍କ ସକାଶେ କାଶ୍ମୀରକୁ ପ୍ରବାସ ରାଜଧାନୀ ରୂପେ ବିବେଚିତ କଲେ । ତେଣୁ ଏହି କାଶ୍ମୀର ذَاتِ قَرَارٍ وَّمَعِيْنٍ ରୂପେ ଚରିତାର୍ଥ ଥିଲା । ଅର୍ଥାତ୍ ସେଠାରେ (କାଶ୍ମୀର୍ ଠାରେ) ହ. ଇସା ଅ.ସ ବିନା କୌଣସି କଷ୍ଟରେ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିନେଲେ । ପୁନଶ୍ଚ ଉକ୍ତ ସ୍ଥାନଟି ଏପରି ଅବସ୍ଥିତ ଥିଲା ଯେ, ଯେଉଁଠି କେବଳ ସ୍ୱଚ୍ଛ ଝରଣାରମାନ ରହିଥିଲା ତାହା ନୁହେଁ ବରଂ ଉକ୍ତ ଅଞ୍ଚଳଟି ନିଜର ଶୀତଳତା ଏବଂ ସବୁଜିମା, ଶସ୍ୟ ଶ୍ୟାମଳତାରେ ସିରୀୟା ଦେଶ ପରି ଥିଲା । ଏଠାରେ ହ. ଇସା ଅ.ସ ପହଞ୍ଚିବା ପରେ ତାଙ୍କର ସମସ୍ତ ଦୁଃଖ ତଥା କ୍ଳେଶ ଦୂରୀଭୂତ ହୋଇଗଲା ଏବଂ ହ. ଇସା ଅ.ସ ଦୀର୍ଘ 120 ବର୍ଷ ଧରି ଲୋକମାନଙ୍କ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ସନ୍ଦେଶ ପହାଞ୍ଚାଇଥିଲେ ଏବଂ କାଶ୍ମୀରରେ ଠାରେ ଆପଣ ଅ.ସ ମୃତ୍ୟୁ ବରଣ କରିଥିଲେ, ଶ୍ରୀନଗର ଜିଲ୍ଲା ଅନ୍ତର୍ଗତ ମହଲ୍ଲା ଖାନିୟାର୍ ଠାରେ ଆପଣ ଅ.ସଙ୍କୁ କବର ଦିଆଯାଇଥିଲା, ଯେଉଁଠି ଆଜି ପର୍ଯ୍ୟନ୍ତ ତାଙ୍କର କବର ଦେଖିବାକୁ ମିଳେ । **(ତଫ୍‌ସିର୍ କବିର୍, ଭାଗ-6, ପୃ-177, ସଂସ୍କରଣ-2010 ମସିହା)**

☆--☆--☆

## ବିଗତ ସଂଖ୍ୟା-43-44, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶ୍ରୀମତି ମୁରୱା ଶବୁତୀ ସାହେବା କୁହନ୍ତି ଯେ, ସ୍ୱର୍ଗତ ଡାକ୍ତର ମନ୍‌ସୁର୍  ଶବୁତୀ ସାହେବ ସର୍ବଦା ହସିଲାବାଲା, ପ୍ରେମ କଲାବାଲା, ସାହାଯ୍ୟକାରୀ, ଶିଷ୍ଟ, ସଭ୍ୟ, ଦୟାବାନ୍ ଓ ଅତ୍ୟନ୍ତ ବୁଦ୍ଧିମାନ୍ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଆପଣ ପାଠରେ ସର୍ବଦା ଅନନ୍ୟ ସ୍ଥାନ ଅଧିକାର କରିଥିଲେ ଏବଂ ସମଗ୍ର ୟମନ୍ ଅଞ୍ଚଳରେ ଆପଣ ଜଣେ ବିଖ୍ୟାତ ଡାକ୍ତର ଥିଲେ । ଆପଣ ମାନବ ସେବା କରିବାରେ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିଲେ । ଆପଣ ଉଭୟ ଅହମଦି ଓ ଅଣଅହମଦିମାନଙ୍କର ଅତି ପ୍ରିୟ ଡାକ୍ତର ଥିଲେ । ଅଣଅହମଦିମାନେ ମଧ୍ୟ ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବଙ୍କ ବିୟୋଗ ହେତୁ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଣ ଜମାଅତ୍‌ର ଲୋକମାନଙ୍କର ପ୍ରତିକ୍ରିୟା ମଧ୍ୟ ରହିଛି । ୟମନ୍‌ରେ ଡାକ୍ତର ଜିୱନିୟନ୍ ଏହା ବିବୃତି ପ୍ରଦାନ କରିଛନ୍ତି ଯେ, ଅତ୍ୟନ୍ତ ଦୁଃଖ ଓ ଶୋକର ସହିତ ଏହି ସୂଚନା ପ୍ରଦାନ କରାଯାଉଅଛି ଯେ, ଜେନେରାଲ୍ ସର୍ଜରୀ କନସଲଟାଣ୍ଟ ଡାକ୍ତର ମନ୍‌ସୁର ଶୁବୁତୀ ସାହେବଙ୍କ ବିୟୋଗ ହୋଇଯାଇଛି। ଅମକ ଦିନ ତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ପୁନଶ୍ଚ ଆଗକୁ ଏହି ମେଡ଼ିକାଲା କାଉନସିଲ୍ ବାଲା କୁହନ୍ତି ଯେ, ତାଙ୍କର ରହସ୍ୟଜନକ ମୃତ୍ୟୁ ଯୋଗୁଁ ସମଗ୍ର ଚିକିତ୍ସା ଜଗତରେ ଶୋକର ଛାୟା ଖେଳି ଯାଇଛି । ପ୍ରାପ୍ତ ବିବରଣୀ ଅନୁଯାୟୀ  ଗିରଫ ହେବା ପୂର୍ବରୁ ଡାକ୍ତର ମନ୍‌ସୁର୍ ସାହେବଙ୍କ ସ୍ୱାସ୍ଥ୍ୟାବସ୍ଥା ଖୁବ୍ ଭଲ ଥିଲା । ନା ତାଙ୍କୁ ଏକଥା କୁହାଗଲା ଯେ, ଡାକ୍ତର ସାହେବଙ୍କୁ କେଉଁଥି ପାଇଁ ଗିରଫ କରାଯାଇଛି ଓ ନା ହିଁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହା ଜଣା ପଡ଼ିଲା ଯେ, ତାଙ୍କୁ କେଉଁ ଆଡ଼େ ନିଆଯାଉଛି? ମୃତ୍ୟୁର ଗୋଟିଏ ଦିନ ପୂର୍ବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସର୍ବସାଧାରଣଙ୍କ ସମ୍ମୁଖରେ ଅଣାଗଲା । ତାଙ୍କର କେତେକ ଅଣଅହମଦି ବନ୍ଧୁମାନେ ମଧ୍ୟ ସୋସିଆଲ୍ ମିଡ଼ିୟାରେ ଡାକ୍ତର ସାହେବଙ୍କ ସଂପର୍କରେ ପୋଷ୍ଟ ଲେଖିଲେ। ଖାଲିଦ୍ ଅଦିବ୍ ଜନୈକ (ଜଣେ) ଅଣଅହମଦି ଡାକ୍ତର ସାହେବ କୁହନ୍ତି ଯେ, ମୁଁ ପ୍ରଥମ ଥର କରି ସନ୍‌ଆ ହସ୍ପିଟାଲ୍‌ର ଏମର୍‌ଜେନ୍‌ସୀ ୱାର୍ଡ଼ରେ କାମ କରିବାକୁ ଗଲି। ତେବେ ସେଠାରେ ଅନେକ ଡାକ୍ତରମାନଙ୍କୁ ଏକ ଯୁବକ ଡାକ୍ତରଙ୍କ ଆଖପାଖରେ ଛିଡ଼ା ହୋଇଥିବାର ଦେଖିଲି । ମୋ ପଚାରିବାରୁ ଜଣେ ସାଥି କହିଲେ, ଯେ, ଡାକ୍ତର ମନ୍‌ସୁର ଶବୁତୀ ସାହେବ ଅଛନ୍ତି । ଆପଣ ଜେନେରାଲ୍ ସର୍ଜରୀ କନ୍‌ସଲ୍‌ଟାଣ୍ଟ ଅଟନ୍ତି ଏବଂ ସମସ୍ତ ଡାକ୍ତରମାନଙ୍କ ଅପେକ୍ଷା ଆପ୍ରାଣ, ଅକ୍ଳାନ୍ତ ଓ ସର୍ବଦା କର୍ମତତ୍ପର ସହଯୋଗକାରୀ ଡାକ୍ତର ଅଟନ୍ତି । ସମସ୍ତ ଡାକ୍ତରମାନେ ଏବଂ ଡାକ୍ତରୀ ପାଠ ପଢୁଥିବା ଛାତ୍ର ଛାତ୍ରୀମାନେ ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବଙ୍କ ସହିତ ଡ଼ିୟୁଟି ଦେବାକୁ ପସନ୍ଦ କରନ୍ତି । କାରଣ ତାଙ୍କର ଏହି ପ୍ରୟାସ ରହୁଥିଲା କି ସେ ସମସ୍ତଙ୍କୁ ଅଧିକରୁ ଅଧିକ ଜ୍ଞାନ ପ୍ରଦାନ କରିପାରିବେ ଏବଂ ସେମାନଙ୍କୁ ବୁଝାଇବାରେ ସେ ସଫଳ ହେବେ । ତାଙ୍କୁ ଧନର କୌଣସି ଲୋଭ ନଥିଲା, କୌଣସି ପଦର ଲାଳସା ଥିଲା ଓ ନା ହିଁ କୌଣସି ପ୍ରସିଦ୍ଧି ପାଇଁ ସେ ଚିନ୍ତିତ ଥିଲେ । ସ୍ୱର୍ଗତ ଡାକ୍ତର ମନ୍‌ସୁର ଶବୁତୀ ସାହେବ ଅତ୍ୟନ୍ତ ଶୀତଳ, କୋମଳ ସ୍ୱଭାବର ଅଧିକାରୀ, ଅତ୍ୟନ୍ତ କର୍ମତତ୍ପର, ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ଥିଲେ, ସର୍ବଦା ସ୍ମିତହାସ୍ୟ ପ୍ରକାଶକାରୀ ଏବଂ ସର୍ବୋଚ୍ଚ ଚରିତ୍ରର ଅଧିକାରୀ ଥିଲେ । ସେ ଅହଂଭାବ ଏବଂ ସାଂସାରିକ ପ୍ରେମରୁ ବହୁତ ଦୂରରେ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜଣେ ବନ୍ଧୁ ଉଲ୍ଲେଖ କରନ୍ତି ଯେ, ଆପଣଙ୍କ ବିୟୋଗ ୟମନ୍ ପାଇଁ ଏକ ଅପୂରଣୀୟ କ୍ଷତି ଅଟେ । ୟମନ୍ ଏପରି ଏକ ପୁଣ୍ୟବାନ୍ ବ୍ୟକ୍ତିକୁ ହରାଇ ଦେଇଛି । ଆପଣଙ୍କର ହୃଦୟ ଅତ୍ୟନ୍ତ ସ୍ୱଚ୍ଛ ଥିଲା । ଆପଣ ନିଜ ଜୀବନକୁ ରୋଗୀମାନଙ୍କ ସେବାରେ ଉତ୍ସର୍ଗ କରି ଦେଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ବନ୍ଧୁ ଉଲ୍ଲେଖ କରନ୍ତି ଯେ, ଡାକ୍ତର ମନ୍‌ସୁର୍ ସାହେବଙ୍କ ହସ୍ତରେ ଶିଫା (ଆରୋଗ୍ୟ) ଥିଲା । ଆପଣ ଅତ୍ୟନ୍ତ ଉଚ୍ଚ କୋଟୀର ଚରିତ୍ରର ଅଧିକାରୀ ଥିଲେ । ଦକ୍ଷିଣ ୟମନ୍‌ରେ ସମସ୍ତ ସମ୍ବାଦପତ୍ର ତାଙ୍କର ବିୟୋଗ ଖବରକୁ ମୁଖ୍ୟ ପୃଷ୍ଠରେ ପ୍ରକାଶିତ କରିଛି । ଉଦାହରଣ ସ୍ୱରୂପ ଗୋଟିଏ ଖବର କାଗଜ ଏହିକି ଯେ, "ଜଣେ ବିଖ୍ୟାତ ଡାକ୍ତରଙ୍କ ହତ୍ୟା" । "ସର୍ବାଧିକ ଲୋକପ୍ରିୟ ତଥା ପ୍ରସିଦ୍ଧ ଡାକ୍ତରଙ୍କ ବିୟୋଗ", "ଜଣେ ଜଣାଶୁଣା ଡାକ୍ତରଙ୍କୁ ଅପହରଣ" ଇତ୍ୟାଦି ଇତ୍ୟାଦି ମୁଖ୍ୟ ପୃଷ୍ଠାରେ ମୁଖ୍ୟାଂଶ ଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ କେହି ଜଣେ ବ୍ୟକ୍ତି ମୋତେ ମଧ୍ୟ ଲେଖିଛନ୍ତି ଯେ, ସ୍ୱର୍ଗତ ଡାକ୍ତର ମନ୍‌ସୁର ଶବୁତୀ ସାହେବଙ୍କ ମାଧ୍ୟମରେ ଅହମଦିୟତ୍‌ର ନାମ ବେଶ୍ ପ୍ରସାରିତ ଓ ବ୍ୟାପୀଛି । ଅଲ୍ଲାଃତାଲା କରନ୍ତୁ କି ତାଙ୍କର ଏହି ପ୍ରୟାସ ତବ୍‌ଲିଗ୍ (ପ୍ରଚାରର) ମାଧ୍ୟମ ପାଲଟିଯାଉ। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଅଲ୍ଲାଃତାଲା ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ପରିସ୍ଥିତିକୁ ମଧ୍ୟ ସୁଧାରନ୍ତୁ । ବର୍ତ୍ତମାନେ ସେଠାରେ ଯେଉଁ ଛୋଟିଆ ଜମାଅତ୍ ରହିଛି ସେହି ଛୋଟ ଜମାଅତର ଅନେକ ଲୋକମାନେ ଅସୀରାନେ ରାହେ ମୌଲା ଅଟନ୍ତି। ଅଲ୍ଲାଃତାଲା ସେହି ଅସୀରାନ୍‌ଙ୍କୁ କାରାମୁକ୍ତ କରିବାର ଯଥାଶୀଘ୍ର ସାଧନ ବ୍ୟବସ୍ଥା ସୃଷ୍ଟି କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ଦ୍ୱିତୀୟ ଯନାଜାଃର ଚର୍ଚ୍ଚା ହେବ ସେ ହେଉଛନ୍ତି ସ୍ୱର୍ଗତ ସଲାହୁଦ୍ଦୀନ ମୁହମ୍ମଦ୍ ସାଲେହ୍ ଅବ୍‌ଦୁଲ୍ କାଦିର୍ ଓହ୍‌ଦେ ସାହେବ। ଆପଣ କବାବିର୍‌ର ଅମୀର୍ ଜମାଅତ୍ ଶରୀଫ୍ ଓହ୍‌ଦେ ସାହେବଙ୍କର ପିତାଶ୍ରୀ ଥିଲେ। ଜାନୁୟାରୀ ମାସ 31 ତାରିଖ ଦିନ ହୃଦୟରେ କଷ୍ଟ ଅନୁଭୂତ ହେଲା । ଫଳତଃ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଗଲା ଓ ହସ୍ପିଟାଲ୍‌ରେ ଅପରେସନ୍ ସମୟରେ ପ୍ରାୟ 85 ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ। ସ୍ୱର୍ଗତ ଅବ୍‌ଦୁଲ୍ କାଦିର୍ ଓହ୍‌ଦେ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ତିନୋଟି ପୁତ୍ର ସନ୍ତାନ ଯଥା- ମୁହମ୍ମଦ୍ ଶରୀଫ୍ ଓହ୍‌ଦେ ସାହେବ, ମୁନୀର ଓହ୍‌ଦେ ସାହେବ ଏବଂ ଅମୀର ଓହ୍‌ଦେ ସାହେବ ଓ ଗୋଟିଏ କନ୍ୟା ସନ୍ତାନ ମନାଲ୍ ଓହ୍‌ଦେ ସାହେବା ଅଟନ୍ତି । ସେହିପରି ସ୍ୱର୍ଗତଙ୍କର ପୁତ୍ର ପୌତ୍ରୀମାନେ ଏବଂ ନାତି ନାତୁଣୀମାନେ ମଧ୍ୟ ରହିଛନ୍ତି । ତାଙ୍କର ଦୁଇ ପୁତ୍ର ଆୟୁଷ୍ମାନ ମସ୍ରୁର୍ ଓ ମୁନୀର୍ ଓହ୍‌ଦେ ଏବଂ ବଶୀରୁଦ୍ଦୀନ୍ ମହ୍‌ମୁଦ୍ ଓହ୍‌ଦେ ଇତ୍ୟାଦି ପୌତ୍ର ଏବଂ ଗୋଟିଏ ପୌତ୍ର ଯାମିୟା ଅହମଦିୟା ୟୁ.କେରେ ଓ ଆଉ ଜଣେ ପୌତ୍ର ତଥା ନାତି କାନାଡ଼ାର ଯାମିୟାରେ ପାଠ ପଢୁଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ର ଶରୀଫ୍ ଓହ୍‌ଦେ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ପିତାଶ୍ରୀଙ୍କ ଦଦା ଅଲ୍‌ହାଜ୍ ସାଲେହ୍ ଅବ୍‌ଦୁଲ୍ କାଦିର୍ ଓହ୍‌ଦେ ସାହେବ ପାଲେଷ୍ଟାଇନ୍‌ର ପ୍ରାରମ୍ଭିକ ଅହମଦିମାନଙ୍କ ମଧ୍ୟରୁ ଅନ୍ୟତମ ଅହମଦି ଥିଲେ । 1928 ମସିହାରେ ତାଙ୍କୁ ବୈଅତ୍ କରିବାକୁ ସୌଭାଗ୍ୟ ଅର୍ଜନ ହୋଇଥିଲା। ତାଙ୍କ ପରେ ତାଙ୍କର ପଣ ଦଦା ଅବ୍‌ଦୁଲ୍ କାଦିର୍ ଓହ୍‌ଦେ ସାହେବ ମଧ୍ୟ ବୈଅତ୍ କରିନେଲେ ଏବଂ କିଛି କାଳ ପରେ ସ୍ୱର୍ଗତଙ୍କ ପିତାଶ୍ରୀ ମୁହମ୍ମଦ ଓହ୍‌ଦେ ସାହେବ ମଧ୍ୟ ବୈଅତ୍ କରିନେଲେ । ଏହିପରି ଭାବରେ ଅଲ୍ଲାଃତାଲା ସ୍ୱର୍ଗତଙ୍କର ପିତାଶ୍ରୀ, ଦଦା ଓ ପଣ ଦଦାମାନେ ମଧ୍ୟ ଅହମଦି ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ସାଲେହ୍ ଅବ୍‌ଦୁଲ୍ କାଦିର୍ ସାହେବ ଓହ୍‌ଦେଙ୍କର ଜନ୍ମ 1939 ମସିହାରେ ହୋଇଥିଲା ଏବଂ ଆପଣ ଆଜନ୍ମ ଅହମଦି ଥିଲେ । ଯେତେବେଳେ ସ୍ୱର୍ଗତଙ୍କର ବୟସ 14 ଥିଲା ସେତେବେଳେ ଦିନେ ଭୟଙ୍କର ଶୀତରେ କୌଣସି କାମରେ ଆପଣ ବାହାରକୁ ବାହାରିଲେ ଏବଂ ଶୀତ ବସ୍ତ୍ର ଆପଣ ଠିକ୍ ସେ ପିନ୍ଧି  ନଥିଲେ । ଫଳତଃ ତାଙ୍କ ଶରୀର ଫ୍ରିଜ୍ ହୋଇଯାଇଥିଲା (ବରଫ ପାଲଟି ଯାଇଥିଲା/ଜମି ଯାଇଥିଲା) । ଆପଣ ଅଚେତ୍ ହୋଇ ତଳେ ପଡ଼ିଗଲେ । ଅନେକ ସମୟ ପର୍ଯ୍ୟନ୍ତ ଖୋଜା ଖୋଜି କରିବା ପରେ ତାଙ୍କର ପତ୍ତା ଯେତେବେଳେ ମିଳିଲା ସେତେବେଳେ ତାଙ୍କୁ ଅଣାଗଲା ଏବଂ ତାଙ୍କୁ ଡାକ୍ତରଖାନାକୁ ନିଆଗଲା । ତାଙ୍କର ଅବସ୍ଥା ଅତି ସଂକଟାପନ୍ନ ରହିଥିଲା । ତେବେ ଡାକ୍ତର ମହୋଦୟ କହିଲେ, ଯେ, ପ୍ରଥମତଃ ଏହି ରୋଗୀ ଯଦି ବଞ୍ଚି ଯାଏ ତେବେ ଏକ ବହୁତ ବଡ଼ ଚମତ୍କାର ହେବ। ଆଉ ଯଦି ଏହି ରୋଗୀ ବଞ୍ଚିଗଲା ତେବେ ଏହି ରୋଗୀଙ୍କର କେବେ ବି ସନ୍ତାନ ହେବ ନାହିଁ । ସୁତରାଂ ଚୌଧୁରୀ ମୁହମ୍ମଦ ଶରୀଫ୍ ସାହେବ ଯେକି କବାବିର ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ ସେ ଉଲ୍ଲେଖ କଲେ ଯେ, ଏହାପରେ ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଆରୋଗ୍ୟ ଲାଭ ମଧ୍ୟ ହେଲେ । ଆପଣ ବିବାହ ମଧ୍ୟ କଲେ ଏବଂ ଅଲ୍ଲାଃତାଲା ଆପଣଙ୍କୁ ସନ୍ତାନ ମଧ୍ୟ ପ୍ରଦାନ କଲେ । ଆପଣଙ୍କର ତିନୋଟି ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ରହିଥିଲା । ସ୍ୱର୍ଗତ ଅବ୍‌ଦୁଲ୍ କାଦିର୍ ଓହଦେ ସାହେବ ନିଜର ସ୍ୱର୍ଗତ ପିତାଶ୍ରୀଙ୍କ ପରେ ସମଗ୍ର ଜୀବନ ମୁବଲ୍ଲିଗିନ୍‌ମାନଙ୍କର ସେବାରେ ସମର୍ପିତ ଥିଲେ । ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କର ମନ ଓ ପ୍ରାଣ ଦେଇ ସେବା କରୁଥିଲେ । ଏହାର ସାକ୍ଷ୍ୟ ଶୋକରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରଦାନ କରିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶରୀଫ୍ ଓହ୍‌ଦେ ସାହେବ କୁହନ୍ତି ଯେ, ଅତିଥିମାନଙ୍କୁ ସ୍ୱର୍ଗତଙ୍କ ଆତିଥ୍ୟତାର ଅଭ୍ୟାସ ପଡ଼ି ଯାଇଥିଲା । ଅତିଥିମାନେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ମୁବ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ଏହା ହିଁ ଚାହୁଁଥିଲେ ଯେ, ଆମେମାନେ ସ୍ୱର୍ଗତଙ୍କ ପାଖକୁ ଯିବୁ ଏବଂ ଆତିଥ୍ୟତା ଗ୍ରହଣ କରିବୁ । ଜଣେ ପାଦ୍ରୀ ସ୍ୱର୍ଗତଙ୍କୁ ଭେଟିବା ନିମନ୍ତେ ଆସିବାର ଥିଲା । ସେହି ପ୍ରାଦ୍ରୀ ଜଣକ କହିଲା, ପୁତ୍ର ! ତୁମ ପିତାଶ୍ରୀ ବର୍ତ୍ତମାନ ଏଠାରେ ଅଛନ୍ତି କି ? ସେ କହିଲେ, ପିତାଶ୍ରୀ ବର୍ତ୍ତମାନ ବାହାରକୁ ଯାଇଛନ୍ତି । ଆରେ ପୁତ୍ର ମୁଁ ବର୍ତ୍ତମାନ ଆସିବି ନାହିଁ । ସେ ଯେତେବେଳେ ଆସିବେ ମୁଁ ସେତେବେଳେ ଆସିବି । କାରଣ ତାଙ୍କର ଆତିଥ୍ୟତାରୁ ମୁଁ ଉପକୃତ ହୋଇ ପାରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ସଲାହୁଦ୍ଦୀନ ମୁହମ୍ମଦ୍ ସାଲେହ୍ ଅବ୍ଦୁଲ୍ କାଦିର୍ ଓହ୍‌ଦେ ସାହେବ ଅଭାବି ଏବଂ ଦରିଦ୍ରମାନଙ୍କର ଧ୍ୟାନ ରଖୁଥିଲେ । ସେମାନଙ୍କ ଉପରେ ଆପଣ ଖର୍ଚ୍ଚ ମଧ୍ୟ କରଥିଲେ । ଏପରି ନବଦୀକ୍ଷିତ ଯେଉଁମାନଙ୍କର ବଂଶ ସ୍ୱର୍ଗତଙ୍କ ଠାରୁ ସଂପର୍କ ଛିନ୍ନ କରି ନେଇଥିଲେ ସେ କବାବିର ଠାରେ ଆସି ବାସ କଲେ ଏବଂ ସେ ସମସ୍ତଙ୍କୁ ସେ ଏକ ପିତୃବତ୍ସଳ ପିତାଙ୍କ ପରି ରଖିଲେ । ତାଙ୍କର ବିୟୋଗ ଖବର ଶୁଣି ଜଣେ ମହିଳା କହିଲେ, "ମୋର ବଂଶ ନିଜର ଅଧିକାଂଶ ସମୟ ସ୍ୱର୍ଗତଙ୍କ ସହିତ ଅତିବାହିତ କରୁଥିଲା । ମୁଁ ବର୍ତ୍ତମାନ ବୁଝିପାରୁ ନାହିଁ ଯେ, ମୁଁ କାହା ପାଖକୁ ଯିବି ଓ କୁଆଡ଼େ ଯିବି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶରୀଫ୍ ଓହ୍‌ଦେ ସାହେବ କୁହନ୍ତି: "ପିତାଶ୍ରୀ ନିଜର ବ୍ୟବହାରିକ କର୍ମ ମାଧ୍ୟମରେ ଆମମାନଙ୍କର ସଂସ୍କାର କରୁଥିଲେ । ଆମମାନଙ୍କୁ ବୁଝାଇବା ବଦଳରେ ନିଜର କର୍ମ ମାଧ୍ୟମରେ ତାହା କରି ଦେଖାଇ ଦେଉଥିଲେ ଯେ, ଏହିପରି କମ କଲ । ପିତାଶ୍ରୀଙ୍କୁ ଅଧ୍ୟୟନ କରିବାର ବେଶ୍ ଅଗ୍ରହ ଏବଂ ରୁଚି ରହିଥିଲା । ଜମାଅତ୍‌ର ଲିଟ୍ରେଚର୍ ମଧ୍ୟରୁ କୌଣସି ନା କୌଣସି ପୁସ୍ତକ ଅଧ୍ୟୟନ ଅଧୀନ ରହୁଥିଲା । ଏଥି ନିମନ୍ତେ ତାଙ୍କର ଜ୍ଞାନ ମଧ୍ୟ ଅତ୍ୟନ୍ତ ବ୍ୟାପକ ରହିଥିଲା ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶରୀଫ୍ ଓହ୍‌ଦେ ସାହେବ କୁହନ୍ତି: ପିତାଶ୍ରୀ ଏପରି ବ୍ୟକ୍ତି ନଥିଲେ ଯେ, ତାଙ୍କୁ ବୃଦ୍ଧ ବୟସରେ ଆମମାନଙ୍କର ଆବଶ୍ୟକତା ପଡ଼ିଥାଆନ୍ତା । ପିତାଶ୍ରୀଙ୍କୁ ଆମମାନଙ୍କର କୌଣସି ଆବଶ୍ୟକତା ପଡ଼ି ନାହିଁ । ବରଂ ସେ ଆମମାନଙ୍କୁ ସାହାଯ୍ୟ କରୁଥିଲେ। ସେ ଉକ୍ତ କଥା ଉପରେ ଅତି ପ୍ରସନ୍ନ ହେଉଥିଲେ ଯେ, ତାଙ୍କର ସନ୍ତାନ ସନ୍ତତି ଜମାଅତ୍‌ର ସେବା କରୁଛନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ସଲାହୁଦ୍ଦୀନ ମୁହମ୍ମଦ୍ ସାଲେହ୍ ଅବ୍ଦୁଲ୍ କାଦିର୍ ଓହ୍‌ଦେ ସାହେବଙ୍କର ନାତୁଣୀ ଡାକ୍ତର ୟାସ୍‌ମିନ୍ ସାହେବା କୁହନ୍ତି: "ମୁଁ କିଛି ବର୍ଷ ଧରି ନିଜର ନନା (ଅଜା)ଙ୍କ ସହିତ ତାଙ୍କ ଘରେ ରହୁଥିଲି । ମୁଁ ଦେଖିଛି ଯେ, ମୋ ସ୍ୱର୍ଗତ ନନା ନମାଜ୍ ଓ ନମାଜ୍ ତେହଜ୍ଜୁଦ୍‌ର ନିୟମାନୁବର୍ତ୍ତୀ ଥିଲେ । ଅନେକ ସମୟରେ ମସ୍‌ଜିଦ୍ ଏବଂ ମର୍କଜ୍ ଓ ଜମାଅତ୍‌ରେ ନିଜର ସମୟ ଅତିବାହିତ କରୁଥିଲେ । ଅତିଥିମାନଙ୍କ ନିମନ୍ତେ ଖାଦ୍ୟ ରାନ୍ଧିବା, ସେମାନଙ୍କର ସେବା କରିବା, ମର୍କଜ୍ ସ୍ଥିତ ଜମାଅତ୍‌ରେ ମରାମତି କାର୍ଯ୍ୟା ଇତ୍ୟାଦି ସମ୍ପାଦନ କରିବା ତାଙ୍କର ନିତି ଦିନିଆ ଅଭ୍ୟାସ ଥିଲା । ଜମାଅତୀୟ ପୁସ୍ତକର ଅଧ୍ୟୟନ ତାଙ୍କର ପ୍ରିୟ ଅଭ୍ୟାସ ଥିଲା। ଏପର୍ଯ୍ୟନ୍ତକି ମୃତ୍ୟୁ ଦିନ ମଧ୍ୟ ତାଙ୍କ ଶେୟରେ ଏକ ଖୋଲା ବହି (ପୁସ୍ତକ) ଉପସ୍ଥିତ ରହିଥିଲା । ନାତୁଣୀ କୁହନ୍ତି ଯେ, ଘରେ କିଛି ମରାମତି କାମ କରାଇବାର ଥିଲା । ତେଣୁ ମୋର ସ୍ୱର୍ଗତ ନନା ନାନୀ (ଆଈ)ମାଙ୍କୁ କହିଲେ, ଆମକୁ ମରାମତି କରାଇବାର କୌଣସି ଆବଶ୍ୟକତା ନାହିଁ । କାରଣ ଆମେମାନେ ତ' ବର୍ତ୍ତମାନ ଶୀଘ୍ର ମରିଯିବୁ । ତେଣୁ ଘରର ମରାମତିରେ ଖର୍ଚ୍ଚ ହେବାକୁ ଥିବା ଅର୍ଥକୁ ଆମେମାନେ ଅଭାବିମାନଙ୍କ ମଧ୍ୟରେ ବାଣ୍ଟିଦେବା । ଡାକ୍ତରମାନେ ତାଙ୍କ ହୃଦୟର ଯେତେବେଳେ ଅପରେସନ୍ କଲେ ସେତେବେଳେ ଅପରେସନ୍ ସମୟରେ ସେମାନେ ଦେଖିଲେ ଯେ, ତାଙ୍କର ସାହେବଙ୍କର ହୃଦୟ କେବଳ ଦୁର୍ବଳ ନୁହେଁ ବରଂ ତାଙ୍କର ସୂକ୍ଷ୍ମ ନମନୀୟ ହୃଦୟର ଧମନୀ ଏବଂ ଶିରା ପ୍ରଶିରା ପ୍ରାୟତଃ ବନ୍ଦ ଥିଲା ଏବଂ ଡାକ୍ତରମାନେ ଆଚମ୍ବିତ ଥିଲେ ଯେ, ସ୍ୱର୍ଗତ ମହୋଦୟ ଏପର୍ଯ୍ୟନ୍ତ କିପରି ଚଲାବୁଲା କରୁଛନ୍ତି । ସେ ଯାହା ହେଉ ତାଙ୍କର ଏହି ଦୁଆ ଥିଲା ଯେ, ତାଙ୍କୁ ଚଲାବୁଲା ଅବସ୍ଥାରେ ହିଁ ମୃତ୍ୟୁ ଆସିଯାଉ। ଅତଏବ୍ ଏହିପରି ହିଁ ହେଲା । ଶେଷ ଦିନ ପର୍ଯ୍ୟନ୍ତ ଆପଣ ଚଲାବୁଲା କରୁଥିଲେ। କାହାର ସାହାଯ୍ୟ ଆପଣ ଲୋଡ଼ୁ ନଥିଲେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶରୀଫ୍ ଓହ୍‌ଦେ ସାହେବ କୁହନ୍ତି: ପିତାଶ୍ରୀ ଅନ୍ୟମାନଙ୍କ ଉପରେ ମନ ଖୋଲି ଖର୍ଚ୍ଚ କରୁଥିଲେ । ଦିନେ ତାଙ୍କର ବୟସ୍କ ସଂପର୍କୀୟ ପରିଜନ ତାଙ୍କୁ ସାହାଯ୍ୟ କରିବା ପାଇଁ ଯେତେବେଳେ କହିଲେ, ସେତେବେଳେ ପିତାଶ୍ରୀଙ୍କ ପକେଟରେ ଯାହା କିଛି ରହିଥିଲା ତାହା ସବୁ କାଢି ତାଙ୍କୁ ଦେଇଦେଲେ। ସ୍ୱର୍ଗତ ମୌଲାନା ଫଜ୍‌ଲେ

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ
(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 06 November 2025 Issue No. 45

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ଇଲାହି ବଶୀର୍ ସାହେବ ଯେତେବେଳେ କବାବିର୍‌ର ମୁବଲ୍ଲିଗ୍ ଥିଲେ, ସେତେବେଳେ ଥରେ ସେ ସ୍ୱର୍ଗତଙ୍କ ଠାରୁ କବାବିର୍‌ର ମସ୍‌ଜିଦ୍ ପାଇଁ ଚାନ୍ଦା ମାଗିଲେ । ସ୍ୱର୍ଗତଙ୍କ ନିକଟକୁ ସେତେବେଳେ କେଉଁ ଠାରୁ ବିପୁଲ୍ ଅର୍ଥ ଆସିଥିଲା । ତେଣୁ ସେ ସେହି ସମସ୍ତ ଅର୍ଥକୁ ମସ୍‌ଜିଦ୍ ନିମନ୍ତେ ଦେଇଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜଣେ ସେବକ ଉଲ୍ଲେଖ କରନ୍ତି ଯେ, ତାଙ୍କର ହାର୍ନିୟାର ଅପରେସନ ଯେତେବେଳେ ହେଲା ଏବଂ ସ୍ୱର୍ଗତ ମହୋଦୟ ମୋର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ସେତେବେଳେ ମୁଁ ତାଙ୍କୁ କହିଲି ବହୁତ ଦର୍ଜ ଅର୍ଥାତ୍ କଷ୍ଟ ହେଉଛି । ସ୍ୱର୍ଗତ ମହୋଦୟ କହିଲେ ଆରେ ମହୋଦୟ ଆପଣ ଏଠି କାମ କରୁଛନ୍ତି? ଆପଣ ପରା ଏବେ କିଛି ଦିନ ହେବ କାମ କରିଛନ୍ତି ? ରୋଗୀ ସେବକ ଜଣକ କୁହନ୍ତି ଯେ, ଆଜ୍ଞା ହଁ ମୁଁ ପରା ଅଳ୍ପ କାମ କରିଛି । କିଛି ଜିନିଷ ଉଠେଇ ଏପଟରୁ ସେପଟେ ରଖିଛି ଏବଂ ଗୋଟିଏ ଭଙ୍ଗ କବାଟ ରହିଥିଲା ତାହାକୁ ମୁଁ ମରାମତି କରିଅଛି । ପ୍ରତ୍ୟୁତ୍ତରରେ ସ୍ୱର୍ଗତ ମହୋଦୟ କହିଲେ, ଆରେ ଆରେ ଭାଇ ସେବକ ମହୋଦୟ ! ଆପଣଙ୍କର ପରା ଏବେ ଏବେ ଅପରେସନ ହୋଇଛି । ଆପଣ ଏତେ ଭାରି କାମ କରନ୍ତୁ ନାହିଁ । ସେବକ କହିଲେ, ମୁଁ ଏହା କମା ନକଲେ ରହିପାରିବି ନାହିଁ, ତେଣୁ ଜମାଅତ୍‌ର ସେବା କରିବା ମଧ୍ୟରେ ମୋର କର୍ତ୍ତବ୍ୟ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୈଫୁଦ୍ଦୀନ୍ ଅବୁ ଅସବ୍ ନାମକ ଜଣେ ପାଲେଷ୍ଟାଇନ୍‌ର ନାଗରିକ ଅଟନ୍ତି, ସେ ଉଲ୍ଲେଖ କରନ୍ତି ଯେ, ଆମେମାନେ ଶ୍ରୀଯୁକ୍ତ ସଲାହୁଦ୍ଦୀନ୍ ଓହ୍‌ଦେ ସାହେବଙ୍କ ମଧ୍ୟରେ ପୁଣ୍ୟ ବ୍ୟତୀତ ଆଉ କିଛି ଦେଖି ନାହିଁ । କବାବିର୍ ଠାରେ ମୋର ଅବସ୍ଥାନ କାଳରେ ମୁଁ ତାଙ୍କୁ ଜମାଅତ୍‌ର ଜଣେ ନୈଷ୍ଠିକ ବ୍ୟକ୍ତି ରୂପେ ପାଇଥିଲି । ଆପଣ ସମସ୍ତଙ୍କୁ ବହୁତ ଭଲ ପାଉଥିଲେ ଏବଂ ପ୍ରତ୍ୟେକ ପ୍ରକାରର ସାହାଯ୍ୟକାରୀ ବ୍ୟକ୍ତି ଥିଲେ । ଅମୀର୍ ଜମାଅତଙ୍କ ପିତାଶ୍ରୀ ହେବା ସତ୍ତ୍ୱେ ଅତିଥି ସତ୍କାରକ ହିସାବରେ ଆପଣ କର୍ତ୍ତବ୍ୟ ନିର୍ବାହ କରୁଥିଲେ । ମୁଁ ପରେ ଜାଣିବାକୁ ପାଇଲି ଯେ, ସ୍ୱର୍ଗତ ମହୋଦୟ ଯେଭଳି ସେବା କରୁଥିଲେ ତହିଁରୁ ଜଣା ପଡୁ ନଥିଲା ଯେ, ସ୍ୱର୍ଗତ ମହୋଦୟ ଅମୀର୍ ସାହେବଙ୍କ ପିତା (ବାପା) ଅଟନ୍ତି । ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ । ପୁନଶ୍ଚ କେହି ଜଣେ ମୋତେ କହିଲା ଯେ, ସ୍ୱର୍ଗତ ମହୋଦୟ ଅମୀର୍ ସାହେବଙ୍କ ପିତାଶ୍ରୀ ଅଟନ୍ତି ।

ଡାକ୍ତର ଐମନ୍ ଅଲ୍ ମାଲିକି ସାହେବ କୁହନ୍ତି: " ସ୍ୱର୍ଗତ ମହହୋଦୟ ନମାଜ ଫଜର୍ ପାଠ କରୁଥିଲେ ଏବଂ ସିଧା ସଳଖ ଲଙ୍ଗର୍ ଖାନା ଚାଲି ଯାଉଥିଲେ ଏବଂ ଅକ୍ଳାନ୍ତ ଦିନା ରାତି କାମ କରୁଥିଲେ । ସପ୍ତାହର ସାତ ଦିନ ତାଙ୍କର ଏହି ଅଭ୍ୟାସ ରହୁଥିଲା । ଖିଲାଫତ୍ ପ୍ରେମୀ ଏବଂ ଜମାଅତ୍‌ର ବ୍ୟବସ୍ଥା ପ୍ରତି ଆପଣ ସମ୍ମାନ ପ୍ରଦର୍ଶନ କରୁଥିଲେ। ଏପର୍ଯ୍ୟନ୍ତକି ସ୍ୱର୍ଗତଙ୍କ ସୁପୁତ୍ର ଶରୀଫ୍ ଓହ୍‌ଦେ ସାହେବ ଜମାଅତ୍‌ର ଅମୀର୍ ଥିଲେ। ହେଲେ ସ୍ୱର୍ଗତ ମହୋଦୟ ଅମୀରଙ୍କୁ ଦେଖିବା ମାତ୍ରେ ଛିଡ଼ା ହୋଇଯାଉଥିଲେ । ଜମାଅତ୍‌ର ସେବା ଏବଂ ତବ୍‌ଲିଗ୍ ଓ ଜମାଅତ୍‌ର ଦାୟିତ୍ୱକୁ ନିର୍ବାହ କରିବାରେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅତ୍ୟନ୍ତ ଉତ୍ସାହର ସହିତ ନିମଗ୍ନ ରହୁଥିଲେ । ଏପରି ଉତ୍ସାହ ଏବଂ ଏପରି ଉଦାହରଣ ଖୁବ୍ କମ ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ସେ ଚାରି ଖଲିଫାଙ୍କ କାଳ ଦେଖିଛନ୍ତି ଏବଂ ଖିଲାଫତ୍ ସଂପର୍କରେ ଅତ୍ୟନ୍ତ ରୋଚକ ମନ୍ତବ୍ୟ ପ୍ରଦାନ କରୁଥିଲେ ।"

**(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନ୍ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan